ମୂଲ୍ୟ:₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାଙ୍ଗନ

ଜୁଲାଇ ୨୪-ଅଗଷ୍ଟ ୬, ୨୦୧୯

**ସ୍ମରଣୀୟ** : ରଜନୀକାନ୍ତ ମହାନ୍ତି

**ସୃଜନ-ଆଳାପ** : ସଚ୍ଚି ରାଉତରାୟ


**ପ୍ରଥମ ବହି** : ବାବାଜୀ ଚରଣ ଜେନା

**ପହିଲି ପୁଲକ** : ତ୍ରିଲୋଚନ ଦାସ



# ଭକ୍ତି ରତ୍ନମାଳା

୨୦୦୪ ମେ ମାସର ଡହଡହ ଖରା। ଚାରିଆଡ଼େ ଶୂନ୍‌ଶାନ୍। କିନ୍ତୁ କଟକର ଶ୍ରୀରାମଚନ୍ଦ୍ର ଭବନ ଥାଏ ଗହଳଚହଳ। ଓଡ଼ିଆ ଗୀତିକବି ସମାଜର ସେଦିନ ଥାଏ ବାର୍ଷିକ ଉତ୍ସବ। ସେଇ ମହାର୍ଘ ମୁହୂର୍ତ୍ତ ଥାଏ ମୋ' ପାଇଁ ଗୁରୁତ୍ୱପୂର୍ଣ୍ଣ। କାରଣ ମୋର ପ୍ରଥମ ଭକ୍ତି ସଂକଳନ 'ଭକ୍ତି ରତ୍ନମାଳା'ର ସେଠାରେ ଉନ୍ମୋଚନ ହେବାର ଥାଏ। ଦିବା ୧୦ ଘଟିକାରେ ସରସ୍ୱତୀ ବନ୍ଦନା ପରେ ମଞ୍ଚାସୀନ ହେଲେ ମୁଖ୍ୟ ଅତିଥି ପ୍ରାଧ୍ୟାପକ ବୈଷ୍ଣବ ଚରଣ ସାମଲ, ଓଡ଼ିଆ ଗୀତିକବି ସମାଜର ସେତେବେଳର ସଭାପତି ଗୌର ପଟ୍ଟନାୟକ ଏବଂ ସମ୍ପାଦକ ଗୌରହରି ଦଳାଇ। ଶତାଧିକ ଗୀତିକବିଙ୍କ ମେଳରେ ମୋର ଭକ୍ତି ପୁସ୍ତକ 'ଭକ୍ତି ରତ୍ନମାଳା'କୁ ଉନ୍ମୋଚନ କଲେ ପ୍ରାଧ୍ୟାପକ ବୈଷ୍ଣବ ଚରଣ ସାମଲ।





ବହୁ ଅସୁବିଧା ଭିତରେ ପୁସ୍ତକଟି ଉନ୍ମୋଚିତ ହୋଇଥିଲା। ମୁଁ ଥାଏ ସୁଦୂର ସୁନାବେଡ଼ାରେ। ବହି ଛପା ହେଉଥାଏ କଟକରେ। ଲୋକାର୍ପିତ ସମୟ ନିର୍ଘଣ୍ଟ ପୂର୍ବରୁ ମୁଁ ସାରିବାକୁ କହିଥାଏ ପୁସ୍ତକଟିକୁ, କିନ୍ତୁ ଯିଏ ଦାୟିତ୍ୱ ନେଲେ ସେ ବିଳମ୍ବରେ ଦେଲେ ଡିଟିପି ପାଇଁ। ଏପରିକି ଉନ୍ମୋଚନ ପୂର୍ବ ସନ୍ଧ୍ୟାରେ ସେ ଦେଲେ ପ୍ରିଣ୍ଟିଂ ପାଇଁ ଜଗନ୍ନାଥ ପ୍ରୋସେସରେ। ଜଗନ୍ନାଥଙ୍କ ପରମ କରୁଣାରୁ ଉନ୍ମୋଚନ ଦିନ ୨୦ଟି ବହି ଦେଲେ ପ୍ରେସ୍ , ଯାହା ଫଳରେ କି ବହିଟି ସେଦିନ ଉନ୍ମୋଚନ ହୋଇପାରିଲା। କଟକ ସହର ପୋପରଡ଼ାରେ ମୋର ଜନ୍ମ, ଯଦିଓ କର୍ମଭୂମି ଥିଲା କୋରାପୁଟସ୍ଥିତ ହାଲ୍ ସୁନାବେଡ଼ା। ପରିବେଶ ଥିଲା ସଂଗୀତମୟ। ଅମୃତକଣ୍ଠ ଚିତ୍ତ ଜେନା, ଓଡ଼ିଶୀ ଗୁରୁ ଦାଦା ଧରଣୀଧର ଜେନା ଓ ଧନେଶ୍ୱର ସାହୁ ପ୍ରମୁଖଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନ୍ୟାଶନାଲ ମ୍ୟୁଜିକ୍ ଗୁରୁ ପଣ୍ଡିତ କୁଣ୍ଡଳାଦି ନାରାୟଣଙ୍କ ପାଖରେ ସଂଗୀତ ଶିକ୍ଷା କଲି। ସେହି ସମୟରେ ହାଲ୍‌ରେ ମୋର ପୋଷ୍ଟିଂ ହେଲା। ସେଠାକାର ପ୍ରାକୃତିକ ପରିବେଶ ମୋତେ ପ୍ରୋତ୍ସାହିତ କଲା। ସଂଗୀତରୁ ଗୀତିକବିତାରେ ମନୋନିବେଶ କଲି। ୧୯୯୪ ଫେବୃୟାରୀରେ ଆକାଶବାଣୀରୁ ଗୀତିକାରଭାବେ ସ୍ୱୀକୃତି ପାଇଲି। ଆକାଶବାଣୀ ସହ ଦୂରଦର୍ଶନ, ଅନ୍ୟ ଚ୍ୟାନେଲ, ଆଲବମ୍ ପାଇଁ ଗୀତ ଲେଖିଲି। ଓଡ଼ିଶାର ପ୍ରତିଷ୍ଠିତ ପତ୍ରପତ୍ରିକାରେ ଲେଖା ପ୍ରକାଶିତହୋଇ ମୋତେ ଉତ୍ସାହିତ କଲା ସଂକଳନଟିଏ ପାଇଁ। ଏବେ ସୁଦ୍ଧା 'ଭକ୍ତି ରତ୍ନମାଳା', 'ଅଭୟ ପାଦ', 'ସାଇ ବିଭୂତି', 'ନମାମି ରାମ', 'ଶିବ କଳ୍ପତରୁ', 'ମା', 'ହେ ଜଗନ୍ନାଥ', 'ନମାମି କୃଷ୍ଣ','ସାଇ କୈବଲ୍ୟ', 'ବର୍ଷାରେ ତମେ ଚିରାକାଗଜ', 'ସଜ ପଖାଳ', 'ଝୁମୁରୁ ଝୁମା', 'ଏଇ ମାଟି ଆମ ମା' ଓ 'ଭାଲୁ ବଜାଏ ବାଜା' ଆଦି ୧୫ଖଣ୍ଡ ଗୀତିକବିତା ସଂକଳନ ପ୍ରକାଶିତ ହୋଇଛି। ହେଲେ ପ୍ରଥମ ସଂକଳନ 'ଭକ୍ତି ରତ୍ନମାଳା'ର ସ୍ମୃତି ଏବେ ବି ମନେଅଛି।






ବାବାଜୀ ଚରଣ ଜେନା




# ଭଲ ଲେଖାରେ ଦିଶେ ଦୃଶ୍ୟ ପଛର ଦୃଶ୍ୟ...

ମହାଶୟ,

* ଜୁନ୍ ୧୨-୨୫, ୨୦୧୯ ସଂଖ୍ୟା 'ସାହିତ୍ୟାୟନ' ପଢ଼ିଲି। ଭଲ ଲାଗିଲା। 'ସ୍ମରଣୀୟ'ରେ ଗିରୀଶ ସାହୁଙ୍କ ଗଳ୍ପ 'ଭାରତବର୍ଷ' ଏକ ଚମତ୍କାର ଗଳ୍ପ। କଲିଂବେଲ୍‌ର ସର୍ବଧର୍ମ ସମନ୍ୱୟର ଧୁନ୍ ଓ ଜନଗଣନା ଫର୍ମର ଧର୍ମ କଲମରେ ହ୍ୟୁମାନ-ଇଜିମ୍ ଲେଖା ଖୁବ୍ ମାର୍ମିକ। ସଚ୍ଚିଦାନନ୍ଦ ଶତପଥୀଙ୍କ ଗଳ୍ପ 'କାଦମ୍ବିନୀର ହସ' ଏକ ପ୍ରେମ କାହାଣୀ। ପ୍ରେମରେ ବି ଆଜିକାଲି ରାଜନୀତି ପଶିଗଲାଣି। ଉପସ୍ଥାପନା ଶୈଳୀ ଭଲ ଲାଗିଲା। ଡ. ତ୍ରିନାଥ ପଟ୍ଟନାୟକଙ୍କ ଗଳ୍ପ 'ପଖାଳ' ଏକ ବଳିଷ୍ଠ ଗଳ୍ପ। ଏହାର ମୁଖ୍ୟ ଚରିତ୍ର ପଖାଳପ୍ରିୟ। ପଖାଳ ହିଁ ତା' ପାଇଁ ବଡ଼, ଟଙ୍କା ସୁନା ଗୌଣ। ଯଦିଚ ସେ କାନଫୁଲ ଲୁଚାଇ ରଖିଥିଲା, ତଥାପି ଗରିବର ଖାଦ୍ୟ ପଖାଳ ପାଖରେ ବନ୍ଧା ପଡ଼ିଗଲା। ଚୟନ ଓ ଉପସ୍ଥାପନା ଭଲ ହୋଇଛି। ମୀନାକ୍ଷୀ ଦେବୀ ଲଘୁଗଳ୍ପ ଲେଖିଛନ୍ତି 'ନିକିର ପାପା'। ଛୋଟ ଝିଅଟିର ମନସ୍ତାତ୍ତ୍ୱିକ ଅବସ୍ଥା ଓ ନିରୀହତାର ନିଚ୍ଛକ ଛବି। ପ୍ରତିଦିନ ଆମ ଦେଶର ସୈନିକ ସହିଦ୍ ହୁଅନ୍ତି। ଗପଟି ଭଲ। 'ଦ୍ରବ : ଦରଜ', 'ନୀଳ ସ୍ୱପ୍ନର ଶିଳାଲେଖ', 'ମୃତ୍ୟୁ ପାଇଁ' ତିନୋଟି କବିତା ବହୁତ ଭଲ ହୋଇଛି। କବିତା ପଢ଼ିଲାବେଳେ ଲାଗିବ ଦୂର ଦିଗ୍‌ବଳୟର ଦୃଶ୍ୟ ମୁଁ ଶବ୍ଦ ମାଧ୍ୟମରେ ଦେଖିପାରୁଛି। ଆଖି ବୁଜିଲେ ଛୁଇଁ ପାରୁଛି। ପ୍ରତି ଲେଖାରେ ଘଟଣା ପଛର ଘଟଣା, କାହାଣୀ ପଛର କାହାଣୀ, ଦୃଶ୍ୟ ପଛର ଦୃଶ୍ୟ ଶବ୍ଦ ମାଧ୍ୟମରେ ଦେଖାଯିବା ଦରକାର। ତେବେ ଯାଇ ଭଲ ଲେଖା ହେବ। ମନେ ରହିବ। କାର୍ଯ୍ୟକ୍ରମ ସଂଯୋଜନା କଲାବେଳେ ସେହି ଗପ, କବିତା ଧାଡ଼ିକୁ ଦୋହରାଇବାକୁ ଇଚ୍ଛା ହେବ। 'ପହିଲି ପୁଲକ' ଓ 'ପ୍ରଥମ ବହି'ର ଲେଖା ସବୁବେଳେ ଭଲ ଲାଗେ। ନିଜକୁ ନିଜେ ଆଇନାରେ ଦେଖେ।

**– ଦିଲୀପ କୁମାର ଚୌଧୁରୀ,**
**ଭିଆଇପି କଲୋନୀ, ବ୍ରହ୍ମପୁର**

* ଜୁନ୍ ୨୬-ଜୁଲାଇ ୯ 'ସାହିତ୍ୟାୟନ' ପାଇ ଖୁସି। ପ୍ରଥମ ବହି 'ଇନ୍ଦ୍ରଧନୁ' ସତରେ ପ୍ରବୀଣ କୁମାରଙ୍କୁ ସାତ ରଙ୍ଗରେ ନବୀନ କରିଦେଇ ପାରିଛି। 'ପ୍ରଦକ୍ଷିଣ'ରେ ଦକ୍ଷିଣ ଭାରତୀୟ ବିଶିଷ୍ଟ ନାଟ୍ୟକାର ଗିରୀଶ କନ୍ନଡ଼ଙ୍କ ବିଷୟରେ ଅନେକ କିଛି ଜାଣିହେଲା। ବିଭୁ କରୁଣା ବିନା ଏପରି ସିଦ୍ଧି ଓ ସାଧନା ଅସମ୍ଭବ। ରମେଶ ବାବୁଙ୍କ ସମୀକ୍ଷା ସୁଦୂରପ୍ରସାରୀ ହୋଇଛି। ଧୂଳିଆଜନ୍ଦାଠାରୁ ଆହୁରି ନଗଣ୍ୟ 'ଧୂଳି' ବାଉରାଣୀ ଗଦାକୁ ଛାଡ଼ି 'ଲଣ୍ଡା-ରଘୁଆ' ପୁଅ ନାଥିଆ ପ୍ରତି ମନ ବଳେଇଥିଲା। ତେବେ ଅଗାଧୁଆ ଆଡ଼କୁ ଢଳିଲା କେମିତି ଜାଣି ହେଲାନି। 'ସ୍ମରଣୀୟ'ରେ କାଳିନ୍ଦୀଚରଣଙ୍କ 'ଧୂଳି', 'ଶାନ୍ତି ପଦଯାତ୍ରା' ଓ 'ବାୟା-ବୋଉ-ବାର୍ଥ ଡେ' ଭିନ୍ନ ସ୍ୱାଦର ଉପସ୍ଥାପନା। କବିତା କିଆରିରେ ଏଥର ସବୁ ଦାର୍ଶନିକ କବିତା। 'ପୁସ୍ତକ ପରିଚୟ'ରେ ଅନେକ ପରିଚିତ ଶବ୍ଦ ଶିଳ୍ପୀଙ୍କର ବିପଣୀ। ପ୍ରଚ୍ଛଦରେ ମୌସୁମୀ ପୂର୍ବରୁ ଭରା ନଈର ଦୃଶ୍ୟ ବେଶ୍ ଆକର୍ଷଣୀୟ।

**– ସୁସ୍ମିତା ପୁରୋହିତ, ସଦେଇପାଲି,**
**ନୂଆ କଲୋନୀ, ବୁର୍ଲା, ସମ୍ବଲପୁର**

* ଜୁନ୍ ୧୨-୨୫ 'ସାହିତ୍ୟାୟନ' ଆମୂଳଚୂଳ ପାଠକଲି। ଗଳ୍ପ 'ପଖାଳ' ଖୁବ୍ ଭଲ ଲାଗିଲା। 'ସ୍ମରଣୀୟ' ପୃଷ୍ଠାରୁ ଗିରୀଶ ସାହୁଙ୍କ ସୃଷ୍ଟି ବିଷୟରେ ଅନେକ କିଛି ଜାଣିହେଲା। ବିଶେଷକରି ବହୁ ଆଦୃତ ଗଳ୍ପ 'ଭାରତବର୍ଷ' ଖୁବ୍ ଶିକ୍ଷଣୀୟ। କବିତା ପୃଷ୍ଠାର ପ୍ରତ୍ୟେକ କବିତା ନିଜ ନିଜ ବାଗରେ ସ୍ୱତନ୍ତ୍ରତା ବଜାୟ ରଖିଛନ୍ତି। 'ପ୍ରଥମ ବହି' ସ୍ତମ୍ଭରେ ଗାଳ୍ପିକ ଗଙ୍ଗାଧର ବିଶ୍ୱାଳଙ୍କ ଅନେକ ଅଜଣା କଥାକୁ ପାଠକଙ୍କୁ ବାଣ୍ଟିବାର ଶୈଳୀ ଖୁବ୍ ନିଆରା। 'ପହିଲି ପୁଲକ' ସ୍ତମ୍ଭରେ ଶ୍ୟାମ ପ୍ରକାଶ ସେନାପତିଙ୍କ ଅଭୁଲା ଅନୁଭବ ଖୁବ୍ ରୋମାଞ୍ଚଭରା।

**– ଅଶୋକ ରାଉଳ, ଅଢ଼ଙ୍ଗ,**
**ଅଣଖିଆ, ଜଗତ୍‌ସିଂହପୁର**

* ଆପଣଙ୍କ 'ସାହିତ୍ୟାୟନ' ପ୍ରାଣକୁ ସ୍ପର୍ଶ କରୁଛି। ସାହିତ୍ୟ ଜଗତରେ ଏକ ପ୍ରୟୋଜନୀୟ ପତ୍ରିକା ରୂପେ ଏହା ସ୍ଥାନ ପାଇ ଅମର ରହିବା ନିଶ୍ଚୟ।

**– ରବୀନ କୁମାର ସେଠୀ,**
**ବାଲିଛକ ସାହି, ଜଟଣୀ**

* ୨୬ ଜୁନ୍, ୨୦୧୯ ସଂଖ୍ୟାରେ ପ୍ରକାଶିତ 'ସାହିତ୍ୟାୟନ' ପାଠ କଲି। ଉକ୍ତ ସଂଖ୍ୟାର 'ସ୍ମରଣୀୟ' ପୃଷ୍ଠାକୁ ପାଠ କରି ଓଡ଼ିଆ ସାହିତ୍ୟ ଜଗତର ସବୁଜ ଯୁଗୀୟ କଥାକାର, ଔପନ୍ୟାସିକ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଏକାନ୍ତ ବ୍ୟକ୍ତିଗତ ଜୀବନୀ ଏବଂ ତାଙ୍କ ଲେଖନୀନିଃସୃତ ଏକାଧିକ ସାହିତ୍ୟକୃତି ସମ୍ପର୍କରେ ଅନେକ ଲୁକ୍କାୟିତ ତଥ୍ୟ ଜାଣିପାରିଲି। ତାଙ୍କ ରଚିତ 'ଧୂଳି' ଶୀର୍ଷକ ଗଳ୍ପଟି ଅତି ଶିକ୍ଷଣୀୟ ତଥା ଉଚ୍ଚକୋଟୀର ହୋଇପାରିଛି। କବିତା ପୃଷ୍ଠାରେ କବି ହରେକୃଷ୍ଣ ଦାସଙ୍କ 'ମୃତ୍ୟୁ ଓ ମୁକ୍ତି' କବିତାଟି ମର୍ମସ୍ପର୍ଶୀ ତଥା ରୁଚିପୂର୍ଣ୍ଣ ହୋଇପାରିଛି। ତତ୍‌ସହିତ ପୃଷ୍ଠା-୦୬ର ଅନୁବାଦ ଗଳ୍ପ ସ୍ତମ୍ଭରେ ବିନୟ କୁମାର ଦାସଙ୍କ ଦ୍ୱାରା 'ଶାନ୍ତି ପଦଯାତ୍ରା', ଗାଳ୍ପିକ ସତ୍ୟ ରଞ୍ଜନ ଚାନ୍ଦଙ୍କ 'ବାୟା, ବୋଉ ଓ ବାର୍ଥ ଡେ' ଗଳ୍ପଟି ହୃଦୟସ୍ପର୍ଶୀ।

**– ବିଜୁ ସାହୁ,**
**ଖଣ୍ଡାଏତା, କଟକ**

ସାହିତ୍ୟାୟନ

**ଲେଖା ପଠାଇବାର ଠିକଣା**

ସମ୍ପାଦକ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
email: dharitrisahityayana@gmail.com

ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

ଓଡ଼ିଆ ସାହିତ୍ୟର ସବୁଠୁଁ ସଫଳ ଓ ବହୁ ପଠିତ କବି ଭାବେ ସଚ୍ଚି ରାଉତରାୟ ଆମର ଅତି ପ୍ରିୟ। 'ପଲ୍ଲିଶ୍ରୀ' ଭଳି କବିତା ତାଙ୍କ ଲେଖନୀରୁ ଯେମିତି ଆତ୍ମପ୍ରକାଶ କରିଛି, 'ପାଣ୍ଡୁଲିପି', 'ଭାନୁମତୀର ଦେଶ,' 'କବିତା-୧୯୬୨' ମଧ୍ୟ ସେହିପରି ଅସାମାନ୍ୟ ସଫଳତା ପାଇଛି। ନାନା ପୁରସ୍କାରପ୍ରାପ୍ତ ଏଇ କବି 'ଜ୍ଞାନପୀଠ' ପୁରସ୍କାରରେ ସମ୍ମାନିତ। ଅନେକ ବର୍ଷ ତଳେ କବୟିତ୍ରୀ ପ୍ରବାସିନୀ ମହାକୁଡ଼ଙ୍କ ଦ୍ୱାରା ଗୃହୀତ ଓ ଅପ୍ରକାଶିତ ଏଇ ସାକ୍ଷାତ୍କାରଟି 'ଧରିତ୍ରୀ'ର ପାଠିକାପାଠକଙ୍କ ପାଇଁ ଏଠାରେ ପତ୍ରସ୍ଥ ହେଲା।

# ଜୀବନର ବୈଚିତ୍ର୍ୟ କବିତାର ଆଧାର ହେବା ଉଚିତ

**- ସଚ୍ଚି ରାଉତରାୟ**



**ଆପଣ କେବେଠାରୁ କବିତା ଲେଖିବା ଆରମ୍ଭ କଲେ ?**

➡ ୧୯୨୭ ମସିହାରୁ ବୋଲି ଧରିନେବାକୁ ହେବ। ତେବେ ପ୍ରଥମ ପ୍ରକାଶିତ କବିତା କଟକରୁ ବାହାରୁଥିବା 'ପଞ୍ଚାମୃତ' କାଗଜରେ ୧୯୨୮ରେ ବାହାରିଥିଲା। ମୁଁ ୬୧ ବର୍ଷ ହେଲା ଲେଖିଆସୁଛି।

**ସାମଗ୍ରିକ କୃତି ଆଧାରରେ ଆପଣଙ୍କୁ ଜ୍ଞାନପୀଠ ପୁରସ୍କାର ଦିଆଗଲା। କିନ୍ତୁ କେବଳ କବିତା ପାଇଁ ଏ ପୁରସ୍କାର ଦିଆଯାଇ ପାରିଥାଆନ୍ତା। ସେ ସମ୍ପର୍କରେ ଆପଣ କ'ଣ କହିବେ?**

➡ କବିତା ପାଇଁ ମୁଖ୍ୟତଃ ଏ ପୁରସ୍କାର ଦିଆଯାଇଛି ବୋଲି ମୋର ଧାରଣା। ତଥାପି ସାମଗ୍ରିକ କୃତି ଉପରେ ଏବଂ ତା' ସହିତ ଭାରତୀୟ ସାହିତ୍ୟକୁ ମୋର ଅବଦାନ ଯୋଗୁଁ ଏ ପୁରସ୍କାର ଦିଆଯାଇଛି।

**ଆପଣ ଭାରତୀୟ କିମ୍ବା ବିଦେଶୀ କବି, ଲେଖକଙ୍କ ଦ୍ୱାରା ପ୍ରଭାବିତ କି? ପ୍ରିୟ କବିମାନଙ୍କ ନାଁ କହିବେ?**

➡ ମୁଁ ଭାରତୀୟ ବା ବିଦେଶୀ କବିଙ୍କ ଦ୍ୱାରା ବେଶୀ ଦିନ ପାଇଁ ବା ସମ୍ପୂର୍ଣ୍ଣ ଭାବରେ ପ୍ରଭାବିତ ହେଇନି। ଯାହାର ଯେଉଁ ଲେଖା ମୋତେ ଭଲ ଲାଗେ, ତାହା ମୋତେ ପ୍ରଭାବିତ କରିଥାଏ। ତାହା ସାମୟିକ ମାତ୍ର। ତେଣୁ ମୋର କୌଣସି ଲେଖାରେ ନିର୍ଦ୍ଦିଷ୍ଟ କବିଙ୍କ ପ୍ରଭାବ ପଡ଼ିଛି ବୋଲି କହିହେବନି।

**ଗଣଚେତନା ଉଦ୍ରେକ କରିବାରେ ଆପଣଙ୍କ ଲେଖନୀ ସଫଳ ହୋଇଛି। କିନ୍ତୁ ରୋମାଣ୍ଟିକ୍ କବିତା ରଚନା କରି ଆପଣ ଆହୁରି ଅଧିକ ସଫଳତା ଲାଭ କରିନାହାନ୍ତି କି? ଏ ଉଭୟ କବିତା ଭିତରୁ କିଏ ଆପଣଙ୍କୁ ବେଶୀ ମାନସିକ ଆନନ୍ଦ ଦେଇଛି?**

➡ ବିଭିନ୍ନ ମୁଡ୍‌କୁ ନେଇ କବିତା ଲେଖାଯାଇପାରେ। ଗଣ ଆନ୍ଦୋଳନ ସମୟର ଲେଖା କବିତା ସେଇ ସମୟରେ ଜନସାଧାରଣଙ୍କ ମନରେ ବୈପ୍ଳବିକ ଚେତନା ଆଣି ଦେଇଥିଲା ଓ ମୋର ଅନେକ କବିତା ନିଷେଧ ହୋଇଥିଲେ ମଧ୍ୟ ତାକୁ ଗାଇ ବନ୍ଧୁକ ଗୁଳିର ସାମ୍ନା କରିଥିଲେ ଓ ଶହୀଦ ହୋଇଥିଲେ ଅନେକେ। ମାତ୍ର ଅନ୍ୟ ସମୟରେ ଲିଖିତ କବିତାରେ ରୋମାଣ୍ଟିକ୍ ବା ଜୀବନ ଯନ୍ତ୍ରଣା ସମ୍ବନ୍ଧୀୟ ମନୋଭାବ ପ୍ରତିଫଳିତ ହୋଇଛି। ମୋର ବିଶ୍ୱାସ, କବି ଗୋଟେ କମ୍ପ୍ୟୁଟର ନୁହେଁ ଯେ ସେ ଗୋଟିଏ ପ୍ରକାର ମୁଡ୍‌ରେ ଜୀବନସାରା ଏକ ପ୍ରକାରର କବିତା ଲେଖୁଥିବ। ଜୀବନର ବୈଚିତ୍ର୍ୟ ହିଁ କବିତାର ଆଧାର ହେବା ଉଚିତ। ତେଣୁ ମୋ' କବିତା କୌଣସି ଏକ ଗୁଳାରେ ପଡ଼ିନି। ଜୀବନର ବୈଚିତ୍ର୍ୟମୟ ଓ ବହୁମୁଖୀ ପ୍ରେକ୍ଷାପଟ ଭିତରେ ହିଁ କବିତା ପ୍ରେରଣା ଓ ବିଷୟବସ୍ତୁ ସଂଗ୍ରହ କରେ। ଗଣଚେତନାମୂଳକ କବିତାର ଏକ ସ୍ୱତନ୍ତ୍ର ଐତିହାସିକ ଆବଶ୍ୟକତା ଓ ପଛଭୂମି ରହିଛି। ତେଣୁ ସେଇ ପରିବେଶରେ ତାହା ମୋତେ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୋଇଛି। ଜନସାଧାରଣ ମଧ୍ୟ ସେଥିରୁ ବହୁ ପ୍ରେରଣା ପାଇଛନ୍ତି। ପୂର୍ବରୁ କହିଛି ଜୀବନର ସାଧାରଣ ପରିସ୍ଥିତିରେ ଅନ୍ୟ ପ୍ରକାରର କବିତା ଯଥା- ରୋମାଣ୍ଟିକ୍, ଆଧିଭୌତିକ, ସାମାଜିକ, ବ୍ୟଙ୍ଗ ପ୍ରଭୃତି ଉପରେ ଭଲ କବିତା ଲେଖାଯାଇପାରେ ଏବଂ ମୁଁ ମଧ୍ୟ ଲେଖିଛି। ତେଣୁ ଉଭୟ କବିତାର ସ୍ୱତନ୍ତ୍ର ଆବେଦନ ଓ ମୂଲ୍ୟ ଅଛି। ସେହି ହେତୁରୁ ମୁଁ ଉଭୟକୁ ସମାନ ମର୍ଯ୍ୟାଦା ଦେଇଥାଏ।

**ସାହିତ୍ୟର ଆଭିମୁଖ୍ୟ ଯଦି ମଣିଷ ଜୀବନର ପ୍ରତିଫଳନ, ତେବେ ଆପଣଙ୍କ ସମଗ୍ର ଜୀବନ କାଳ ଏଥିରେ ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଛି କି ?**

➡ ମୁଁ ଭାବେ କେବଳ ମୋ' ଜୀବନ ନୁହେଁ, ସମଗ୍ର ମଣିଷ ଜୀବନର ପ୍ରତିଫଳନ ମୋ' କବିତାରେ ଅଛି। ବାଂଲାଦେଶ, ଅଷ୍ଟ୍ରେଲିଆ, ଆମେରିକା ଓ ୟୁରୋପର ବିଭିନ୍ନ ସ୍ଥାନ ଓ ଘଟଣା ମୋ' କବିତାର ଅନ୍ତର୍ଭୁକ୍ତ। ମୋ' କବିତା 'ରୋଶନାରା' ବାଂଲାଦେଶ ମୁକ୍ତି ସଂଗ୍ରାମରେ ପ୍ରଚୁର ପ୍ରେରଣା ଯୋଗାଇଥିଲା ବୋଲି ଥରେ ଢାକାରେ ମତେ ମୁଜିବର ରହେମାନ କହିଥିଲେ (ବାଂଲାଦେଶ ସ୍ୱାଧୀନ ହେଲା ପରେ)। ତେଣୁ କୌଣସି ସ୍ଥାନ- କାଳ- ପାତ୍ର ନ ମାନି ମୋ' କବିତା ସମଗ୍ର ମଣିଷ ଜାତିର ଉଚ୍ଚାରଣ ହେଇପାରିଛି। ମୋ' ବ୍ୟକ୍ତି ଜୀବନର ପୂର୍ଣ୍ଣାଙ୍ଗ ପରିପ୍ରକାଶ ମଧ୍ୟ ମୋ' କବିତାରେ ହେଇଛି ବୋଲି ମୋର ମନେହୁଏ। ବିଶେଷତଃ ଦଳିତ ଶ୍ରେଣୀର ଜୀବନ-ଚିତ୍ର ମୋ' କବିତାର ମୁଖ୍ୟ ବିଷୟବସ୍ତୁ। ଏପରିକି ହିପ୍‌ପୀ ଓ ନକ୍ସଲପନ୍ଥୀମାନେ ମଧ୍ୟ ମୋ' କବିତା ପରିସର ଭିତରୁ ବାହାରି ଯାଇନାହାନ୍ତି।

**କବିର ସମାଜ ପ୍ରତି ଦାୟିତ୍ୱ ରହିଛି। ସଂସ୍କୃତିର ଜଣେ ସଚେତନ ବ୍ୟକ୍ତି ହିସାବରେ ବର୍ତ୍ତମାନ ସମୟର ସାଂସ୍କୃତିକ ମୂଲ୍ୟବୋଧ ଉପରେ କିଛି ଆଲୋକପାତ କରିବେ କି? ସଂସ୍କୃତି ନାଁରେ ଅପସଂସ୍କୃତି କ୍ରମଶଃ ବଢ଼ିଚାଲିଛି ବୋଲି ଆପଣ ମନେକରନ୍ତି କି?**

➡ ବର୍ତ୍ତମାନ ସାଂସ୍କୃତିକ ମୂଲ୍ୟବୋଧ କେବଳ ମଧ୍ୟବିତ୍ତ ଶ୍ରେଣୀର ମୂଲ୍ୟବୋଧକୁ ବୁଝାଉଛି। ଏହି ଶ୍ରେଣୀଟି (ଯାହାକୁ ବୁର୍ଜୁୟା ବୋଲି କୁହାଯାଇପାରେ) ଏକ ଅଦ୍ଭୁତ ଶ୍ରେଣୀ। ସୁବିଧାବାଦ ଏବଂ ସବୁ ବିଷୟ ପ୍ରତି ଏକ କବୋଷ୍ଣ (lukewarm) ମନୋଭାବ ଏଇ ଶ୍ରେଣୀର ମାନସିକତାକୁ ବୁଝାଏ। ସଂସ୍କୃତି ଏମାନଙ୍କ ଜୀବନଚର୍ଯ୍ୟାର ଏକ ଅଙ୍ଗ ନୁହେଁ। ଅଥଚ ଏଇ ସଂସ୍କୃତିର ଜନ୍ମ ହେଇଥିଲା ମଣିଷର ସାମାଜିକ ଉତ୍ସବ, ଫସଲକଟା ପାର୍ବଣ ପ୍ରଭୃତିରୁ। ତେଣୁ ଆଜିର ସଂସ୍କୃତି ବା ସାହିତ୍ୟ ଏକ ଫାଙ୍କା ପ୍ରଦର୍ଶନୀରେ ପରିଣତ ହେଇଛି।

**କେଉଁ କବିଙ୍କ କବିତା ଆପଣଙ୍କୁ ଭଲ ଲାଗେ? ତରୁଣ ସାହିତ୍ୟିକ, କବିଙ୍କ ଲେଖା କବିତା ସବୁ ଆପଣ ପଢ଼ନ୍ତି କି? ଓଡ଼ିଆ ସାହିତ୍ୟ ବିଶେଷତଃ କବିତାର ଭବିଷ୍ୟତ ସମ୍ପର୍କରେ ଆପଣ ଆଶାବାଦୀ କି?**

➡ ହଁ, ମୁଁ ପଢ଼େ। ବହୁ ଆଧୁନିକ କବିଙ୍କ ଲେଖାର ଅଂଶବିଶେଷ ମୋତେ ଭଲ ଲାଗେ। ମାତ୍ର ଏମାନଙ୍କ ଭିତରେ ପଳାୟନପନ୍ଥୀ ମନୋଭାବ ବୃଦ୍ଧି ପାଉଛି ବୋଲି ମନେହେଉଛି। ଏମାନେ ନିଜ ଜୀବନକୁ ବା ନିଜ ସମାଜକୁ କବିତାରେ ଆନ୍ତରିକତାର ସହିତ ପ୍ରତିଫଳିତ କଲେ କବିତା ଅଧିକ ସାର୍ଥକ ହୁଅନ୍ତା। ମାତ୍ର ତାହା ନ କରି କେତେକ କବି ହଜାର ହଜାର ବର୍ଷ ତଳର ଅତୀତକୁ ପଳେଇଯିବାକୁ ବ୍ୟଗ୍ର। ଅତୀତକୁ ଠିକ୍ ଭାବରେ ବୁଝିବା ପାଇଁ ଦ୍ୱାନ୍ଦ୍ୱିକ ବସ୍ତୁନିଷ୍ଠ ଜ୍ଞାନ, ଅଧ୍ୟୟନ ଓ ଦୃଷ୍ଟିକୋଣର ଶୋଚନୀୟ ଅଭାବ। ଫଳରେ ଅତୀତକୁ ରହସ୍ୟମୟ, ଧୂଆଁଳିଆ ଓ ଫମ୍ପା ଆଦର୍ଶମୟ କରି ବିକୃତ କରିବା ସାର ହେଉଛି। ସବୁ ଜିନିଷରେ ଆଧ୍ୟାତ୍ମିକ ପୁଟ ଚଢ଼ାଇଲେ ତା'ର ପ୍ରକୃତ ତାତ୍ପର୍ଯ୍ୟ ନଷ୍ଟ ହେବ। ଓଡ଼ିଶାର ନୂତନ କବିମାନେ ଯଦି ପ୍ରଗତିଶୀଳ ଦୃଷ୍ଟିକୋଣ ନେଇ କାବ୍ୟକବିତା ରଚନା କରନ୍ତି, ତାହାହେଲେ ମୁଁ ବାସ୍ତବରେ ସୁଖୀ ହେବି।

**ଆଧୁନିକ ଓଡ଼ିଆ କବିତା ଦୁର୍ବୋଧ ବୋଲି କହି ସାଧାରଣ ପାଠକ ତା' ପାଖରୁ ବେଶ୍ ନିରାପଦ ଦୂରତ୍ୱରେ ରହିଯାଉଛନ୍ତି, ଏ ଧାରଣା କାହିଁକି ରହିଛି ଓ କେମିତି ଏହାର ପରିବର୍ତ୍ତନ ହେବ ବୋଲି ଆପଣ ଭାବୁଛନ୍ତି?**

➡ ପ୍ରଥମ କଥା, ଆଧୁନିକ କବିତା rhyme (ଯତି ପାତ) ପରିତ୍ୟାଗ କଲାପରେ ଏହାର ଆକର୍ଷଣଶକ୍ତି ଓ ସାଂଗୀତିକତା ସାଧାରଣ ପାଠକ ପାଖରେ ବହୁତ କମିଯାଇଛି। ତେଣୁ ସେମାନେ ଏହା ଦୁର୍ବୋଧ ବୋଲି ଅଭିଯୋଗ କରୁଛନ୍ତି। ଗଦ୍ୟଧର୍ମୀ ଓ ବାକ୍‌ଛନ୍ଦରେ ଲିଖିତ କବିତାର ରସ ଆସ୍ୱାଦନ କରିବା ପାଇଁ ଯେଉଁ ଗ୍ରାହକତା ଲୋଡ଼ା, ତାହା ଆମ ପାଠକଙ୍କ ମଧ୍ୟରେ ଆଶାନୁରୂପ ସୃଷ୍ଟି ହୋଇପାରିନି। ତଥାପି ମୁଁ ଭାବୁଛି ଗଦ୍ୟକବିତା ପୟାର ଛନ୍ଦ ପରି ଏକ ସାବଲୀଳ ଛନ୍ଦରେ ଲେଖାହେଲେ, ଏକ ଅନ୍ତରୀଣ ଧ୍ୱନି ମିଳନ ପ୍ରବୃତ୍ତି ଥିଲେ ଆଧୁନିକ କବିତା ମଧ୍ୟ ବେଶ୍ ସୁପାଠ୍ୟ ହେବ ଓ ଜନପ୍ରିୟତା ଲାଭ କରିପାରିବ। ମୋର ଅନେକ ଆଧୁନିକ କବିତାରେ ଅନ୍ତରୀଣ ଯତି (Internalrhyme) ରହିଛି। ଦ୍ୱିତୀୟରେ କବିତାର ବିଷୟବସ୍ତୁ ଜନ-ଜୀବନର ମହାସ୍ରୋତରୁ ବିଚ୍ଛିନ୍ନ ହେଇ କ୍ରମେ ବ୍ୟକ୍ତିକୈନ୍ଦ୍ରିକ ହେଉଛି ଏବଂ ଅଧିକାଂଶ କବିତାରେ ଏକ ବୈଠକୀ (sedentic) ଦୃଷ୍ଟିକୋଣ ପରିଲକ୍ଷିତ ହେଉଛି।

**ପ୍ରତ୍ୟେକ ସୃଷ୍ଟି ମୂଳରେ ଯନ୍ତ୍ରଣା ଥାଏ- ଏହା ସହିତ ଆପଣ ଏକମତ କି ?**

➡ ନିଶ୍ଚୟ। ଏଇ ଯନ୍ତ୍ରଣା ମଧ୍ୟ ଅନେକ ସମୟରେ ଆନନ୍ଦର ଉପାଦାନ ହେଇଥାଏ। ଜୀବନ ଯନ୍ତ୍ରଣା ନ ଥାଇ (ତା' ରୋମାଣ୍ଟିକ୍ ହେଉ ବା ରିଭୋଲ୍ୟୁସନାରୀ ହେଉ) ଯେଉଁ କବିତା ଲେଖାଯାଏ, ତାହା ଫର୍ମାସିଆ କବିତା ଭଳି ନୀରସ ଓ ନିଷ୍ପ୍ରାଣ ହୁଏ।

**ପ୍ରେରଣା ନ ଥାଇ ସାହିତ୍ୟ ସୃଷ୍ଟି ସମ୍ଭବ କି?**

➡ ପ୍ରେରଣା ନ ଥାଇ କୌଣସି ସାହିତ୍ୟ ସୃଷ୍ଟି କରାଯାଇ ନ ପାରେ।

**ନାରୀମାନଙ୍କ ସମ୍ପର୍କରେ ଆପଣଙ୍କ ଅନୁଭୂତି କ'ଣ? କେମିତି ଧାରଣା?**

➡ ନାରୀମାନଙ୍କ ପ୍ରେରଣା ମୋ' ସାହିତ୍ୟିକ ଜୀବନରେ ଅନସ୍ୱୀକାର୍ଯ୍ୟ। ମୋର ବହୁ ସାହିତ୍ୟକୃତିରେ ବିଶେଷତଃ କବିତା ଓ ଗଳ୍ପ ପ୍ରଭୃତିରେ ସେମାନଙ୍କର କିଛି ନା କିଛି ପ୍ରଭାବ ଅଛି ବୋଲି କୁହାଯାଇପାରେ। ନାରୀମାନେ ପୁରୁଷ ବିରୋଧୀ ସତ୍ତାର ପ୍ରତିରୂପ ହେଇଥିବାରୁ ସ୍ୱଭାବତଃ ଆକର୍ଷଣୀୟ। ସେମାନେ ପ୍ରକୃତରେ ଶକ୍ତି, ସୌନ୍ଦର୍ଯ୍ୟ ଓ ପ୍ରେରଣାର ଉତ୍ସ।

**ସାହିତ୍ୟ ବ୍ୟତୀତ ଆପଣଙ୍କର ଆଉ କେଉଁଥିରେ ସବୁ ରୁଚି ଅଛି?**

➡ ସାହିତ୍ୟ ବ୍ୟତୀତ ପ୍ରତ୍ନତତ୍ତ୍ୱ, ପ୍ରତ୍ନଦ୍ରବ୍ୟ ସଂଗ୍ରହ (ଦିଗନ୍ତ ମ୍ୟୁଜିୟମ୍) ଏବଂ ଗବେଷଣା ମୋର ଅନ୍ୟତମ ପ୍ରିୟ ହବି। ମୋ' ଦିଗନ୍ତ ମ୍ୟୁଜିୟମ୍‌ରେ ବହୁ ଚିତ୍ରପୋଥି, ପଟଚିତ୍ର ତଥା ଐତିହାସିକ ଶିଳାଲିପି ଏବଂ ଭାସ୍କର୍ଯ୍ୟ ସଂଗୃହୀତ। ସେ ସବୁ ଦେଶବିଦେଶର ବହୁ ବିଦ୍ୱାନ୍‌ଙ୍କ ଦ୍ୱାରା ପ୍ରଶଂସିତ। ମାତ୍ର ମୁଁ ଉକ୍ତ ମ୍ୟୁଜିୟମ୍‌କୁ ପ୍ରାୟ ଦଶବର୍ଷ ହେଲା ଦିଲ୍ଲୀରେ ଥିବା ନ୍ୟାଶନାଲ ମ୍ୟୁଜିୟମ୍‌କୁ ଦେଇଦେଇଛି। ମୁଁ ପୋଥିଚିତ୍ରର ଏକ ପ୍ରଦର୍ଶନୀ ୧୯୭୯ ମସିହାରେ ମସ୍କୋ ବିଶ୍ୱବିଦ୍ୟାଳୟରେ ଓ ୧୯୮୨ରେ ଲଣ୍ଡନ ବିଶ୍ୱବିଦ୍ୟାଳୟରେ କରିଥିଲି।

**ଆପଣଙ୍କର କେଉଁ ନିର୍ଦ୍ଦିଷ୍ଟ ସମୟ, ସ୍ଥାନ, ବ୍ୟକ୍ତିବିଶେଷ ବା ବସ୍ତୁ ପ୍ରତି ଦୁର୍ବଳତା ରହିଛି?**

➡ ପୃଥିବୀର ବହୁ ସ୍ଥାନ ମୋର ପ୍ରିୟ। ତାହା ମୋ' ଅବଚେତନ ମନରେ ମଧ୍ୟ ରହିଯାଇଛି। ଯଥା- ମେଲ୍‌ବୋର୍ଣ୍ଣ, ନ୍ୟୁୟର୍କ, ଇଂଲଣ୍ଡର ବହୁ ସ୍ଥାନ। ମୋର ପିଲାଦିନ, ଜାତୀୟ ମୁକ୍ତି ଆନ୍ଦୋଳନ ତଥା ପ୍ରଜା ଆନ୍ଦୋଳନ ସମୟର କଥା ମନେପଡ଼େ।

**ପାଠକମାନଙ୍କ ପାଇଁ କିଛି ବାର୍ତ୍ତା ଦେବେ କି?**

➡ ଓଡ଼ିଆ ପାଠକ ସମାଜ ନୂତନ ସାହିତ୍ୟକୁ ବୁଝିବାକୁ ଚେଷ୍ଟା କରନ୍ତୁ ଓ ପ୍ରଚୁର ଓଡ଼ିଆ ପୁସ୍ତକ ପଢ଼ନ୍ତୁ। ଅନ୍ୟ ପ୍ରଦେଶର ପାଠକଙ୍କ ପରି ନିଜର ସାହିତ୍ୟକୁ ଆଦର କରିବା ଶିଖନ୍ତୁ ଓ ପୁସ୍ତକ, ପତ୍ରପତ୍ରିକା କିଣନ୍ତୁ; ନ ହେଲେ ଓଡ଼ିଆ ସାହିତ୍ୟ ଆଦୌ ଉନ୍ନତି କରିପାରିବ ନାହିଁ।



ରଜନୀକାନ୍ତ ମହାନ୍ତି

ସ୍ମରଣୀୟ

ରଜନୀକାନ୍ତ ମହାନ୍ତିଙ୍କ ଜନ୍ମ ୧୯୫୨ରେ, ବାଲେଶ୍ୱର ଜିଲା ସୋରୋର କ୍ଷୀରକୋଣୀ ଗାଁରେ। ପ୍ରକାଶିତ ପ୍ରମୁଖ କଥାଗ୍ରନ୍ଥ: 'ଶତାଣି ପୁରୁଷ', 'ମାଟିଆ ପୁଅ', '୧୮ ନିର୍ବାସନ ରୋଡ୍' ଓ 'ହସ୍ତାକ୍ଷର'। 'ପୁଷ୍ୟା ନକ୍ଷତ୍ରର ଇତିବୃତ୍ତ' ଓ 'ଜାଂଗଳିକ' ରଜନୀକାନ୍ତଙ୍କର ବହୁପଠିତ ଉପନ୍ୟାସ। ଓଡ଼ିଆ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ମିଳିଛି 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର', 'ବିଷୁବ ଝଙ୍କାର ଗଳ୍ପ ପୁରସ୍କାର' ଓ 'ଅଖିଳମୋହନ ଗଳ୍ପ ପୁରସ୍କାର'।

# ରୁଦ୍ରାଭିଷେକ

ପଲକ ଓ ସ୍ପନ୍ଦନରେ ପୂର୍ଣ୍ଣଚ୍ଛେଦ ପକାଇ ଟ୍ୟାକ୍ସିଟା ଦୁଆର ମୁହଁରେ ଅଟକିଲା। ସମସ୍ତେ ଟ୍ୟାକ୍ସି ଚାରିପାଖ ଘେରିଗଲେ। ଦର୍ଜା ଖୋଲି ବାହାରି ଆସିଲା ମାନବ। ତା' ଦେହର ବର୍ଣ୍ଣ ଓ ଚେହେରାକୁ ଦେଖି ସମସ୍ତେ ତଟସ୍ଥ ହେଇଗଲେ। କାହାରି ମୁହଁରେ ପଦେ ହେଲେ କଥା ବାହାରିଲାନି। ବାତାବରଣର ଏହି ନୀରବତାକୁ ଲକ୍ଷ୍ୟ କରି ମାନବ ଜୋର୍‌ରେ ହସିଲା: ମାଉଣ୍ଟେନିୟରିଂରୁ ଫେରିଲାବେଳେ ପ୍ରାୟ ସମସ୍ତଙ୍କ ଅବସ୍ଥା ଏମିତି ହୁଏ। ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି। ମୁଁ ଗୋଟାପଣେ କଳା ପଡ଼ିଯାଇଛି। ପୂରା ଶୁଖିଯାଇଛି, ଏଇଆ ତ? ଏଇଟା ତ ସମ୍ଭବ। ସ୍ୱାଭାବିକ। କିନ୍ତୁ ଅଠର ହଜାର ଫୁଟ ଉପରେ ପାଦ ଥାପି ଆସିଛି। ପତାକା ଉଡ଼ାଇ ଆସିଛି।

ସମସ୍ତଙ୍କ ମୁହଁରେ ସମ୍ମିଳିତ ଆନନ୍ଦର ହୋ'ଟେ ଛାଇ ଆସିଲା। ସମସ୍ତେ ମାନବକୁ କୁଣ୍ଢାଇ ପକାଇଲେ। ଅଭିନନ୍ଦନ ଜଣାଇଲେ। ତିନି ଚାରିଟି କ୍ୟାମେରାରୁ ଫ୍ଲାସ୍ ଚିକ୍ ଚିକ୍ କଲା। ମା' ଶାରଦାଦେବୀ ମାନବର ମୁଣ୍ଡ ଆଉଁଶି ଆଉଁଶି ଘରକୁ ନେଇଗଲେ। ପ୍ଲାଷ୍ଟିକ୍ ଚେୟାର ଉପରେ ମାନବ ସ୍ଥିର ହେଇ ବସିଥିଲା। ସମସ୍ତଙ୍କର ଆଖି ତା' ଉପରେ ନିବଦ୍ଧ ହେଇଗଲା। ପ୍ରଶ୍ନଟେ ଠକ୍‌ଠକ୍ କରୁଥିଲା, ଅଠର ବର୍ଷର ପିଲାଟେ ହିମାଳୟ ପର୍ବତମାଳାର ଅଠର ହଜାର ଫୁଟ ଉପରକୁ ଚଢ଼ି ଫେରିଆସିଛି? ପୁଣି ନଭେମ୍ବର ମାସରେ। ଯେତେବେଳେ ଶୀତ ଗୋଟେ ପଥର! ସ୍ନୋ ବାଇଟ୍ ହେଇଥିଲା କି ତୋତେ? ଏମ୍.ଏମ୍.ସି. କରୁଥିବା ବଡ଼ଭଉଣୀ ବାସ୍ନା ପ୍ରଶ୍ନ କରିଥିଲା।

: ନା, ବରଫରେ ସ୍ଲିପ୍ କରି ମୁଣ୍ଡ ବାଡ଼େଇ ହେଇଯାଇଥିଲା। କ୍ଲୋଫାଟ୍ (ବୁଟ୍) ତଳେ କ୍ରାମ୍ପନ (କଣ୍ଟା) ଥିବା ସତ୍ତ୍ୱେ! ମୁଁ ସେନ୍‌ସଲେସ୍ ହେଇ ଯାଇଥିଲି। ରୋପ୍‌ରେ ସେମିତି ଝୁଲିକି ରହିଲି। ହିମାଚଳପ୍ରଦେଶର ସତ୍‌ଲେଜ୍ ଭାଇ ମୋତେ ଟାଣିକରି କ୍ୟାମ୍ପ୍‌କୁ ଆଣିଲେ। ସେତେବେଳକୁ ସାତ ହଜାର ଫୁଟ୍ ଉପରେ ଆମେ। ସେଠି ଉତ୍ତାପ ଶୂନ ଡିଗ୍ରୀ ସେଲ୍‌ସିୟସ୍। ନିଆଁ ଜାଳି ସେକିଥିଲେ ପୂରା ଅଧଘଣ୍ଟା। ପଟର୍‌ଟା ଠିକ୍ ଫିଟିଂ ହୋଇ ନ ଥିଲା। ତେଣୁ ବୁଟ୍ ଭିତରେ ବରଫ ପଶି ଯାଇଥିଲା। ମୁଁ ପୂରା ନୀଳ ପଡ଼ି ଯାଇଥିଲି। ଭାଗ୍ୟଭଲ, ଜିରୋ ଡିଗ୍ରୀରେ ଆମେ ଥିଲୁ। ନ ହେଲେ ବରଫ ପୋଡ଼ି (ସ୍ନୋ ବର୍ଣ୍ଣ) ହୋଇଥାଆନ୍ତା!

ବାପା, ମାଆ, ଭଉଣୀ, ଅଡ଼ଶୀ, ପଡ଼ୋଶୀ ସମସ୍ତେ ମନୁର କଥାକୁ ଏମିତି ଶୁଣୁଥିଲେ, ଯେମିତି ସେମାନେ ପୃଥିବୀ ବାହାରର କିଛି କୌତୂହଳ ଜିନିଷ ସମ୍ପର୍କରେ ଶୁଣୁଛନ୍ତି। ଏବଂ ସାମ୍ନାରେ ବସିଥିବା ମାନବ ଯେମିତି ତାଙ୍କର ମାନବ ନୁହେଁ, ଅନ୍ୟ ଏକ ଗ୍ରହରୁ ଆସିଥିବା ଭିନ୍ନ ଉପଲବ୍ଧିର ଜୀବ! ଯିଏ ଭିନ୍ନ ଜଗତର କଥା କହୁଚି!

ମାନବର ବାପା ଅବୋଧ ଶାଲ୍‌ଟିଏ ଘୋଡ଼ାଇ ହେଇ କାଠ ଚେୟାର୍‌ରେ ଚୁପ୍‌ଚାପ୍ ବସିଥିଲେ। ନିରେଖୁ ଥିଲେ ମାନବର ପାଦ ଆଙ୍ଗୁଠିଠାରୁ ମୁଣ୍ଡର ଚୂଳଯାଏ। ତାଙ୍କ ସାରା ଦେହ, ମୁହଁ ଫୁଲି ଉଠୁଥାଏ। ଭିତରୁ ଜ୍ୟୋତି ଉଗାଳି ଆସୁଥାଏ। ମାଆ ଶାରଦା ସେମିତି ମାନବର ମୁଣ୍ଡ ଆଉଁଶୁ ଥାଆନ୍ତି ପଛପଟେ ଛିଡ଼ା ହେଇ।

: ବୋଉ! ଆସିଲାଠୁଁ ତୁ ମୋତେ ଏମିତି ଆଉଁଶୁଛୁ ଯେମିତି ମୁଁ କୌଣସି ରୋଗରେ ଦୀର୍ଘଦିନ ହେଲା ଶଯ୍ୟାଶାୟୀ! କହିଲା ମାନବ।

ସମସ୍ତଙ୍କୁ ମିଠା ଓ ଡ୍ରିଙ୍କସ୍ ଚର୍ଚ୍ଚା କରୁକରୁ ବଡ଼ଭଉଣୀ ବାସ୍ନା ରହିରହି ପଚାରିଲା: ମନୁ! ବେଣୀ ତୋ ସଙ୍ଗେ ଫେରିଲା ନା? ସେ କେତେଫୁଟ୍ ଚଢ଼ିଚି?

ମାନବ କିଛି କହିଲାନି। ତା' ମୁହଁରୁ ବାରି ହଉଥିଲା ଯେ ସେ ବେଣୀ ପ୍ରତି ବୀତସ୍ପୃହ। ବାସ୍ନା ମାନବର ମୁହଁରୁ କିଛି ପଢ଼ିବାକୁ ଚେଷ୍ଟା କଲା। ଶାରଦା ଉତ୍ସୁକ ଥିଲେ। ମାନବ ନୀରବ ରହିଲାରୁ ଛୋଟଛୋଟ ଆଶଙ୍କା ବାତାବରଣକୁ ଚାପି ଦଉଥିଲା। ବାସ୍ନା ପୁଣି ଥରେ ଜୋର୍‌ରେ ଦୋହରାଇଲା: କହୁନୁ! ସେ ଫେରିଛି ନା ନାହିଁ? ଯିବାବେଳେ ତୋ' ସାଙ୍ଗରେ ଯାଇଥିଲା ଯେ!

: ହାର୍ଣ୍ଣେସ୍ ଅଣ୍ଟାରେ ପିନ୍ଧୁପିନ୍ଧୁ ସେ ତ ନର୍ଭସ। ଜମା ପଚାଶ ଫୁଟ ଯାଇଚି। ବାସ୍। ବାଉନ ହେଇଗଲା କ୍ୟାମ୍ପକୁ! ସେତିକି ମୁଁ ଜାଣେ। ତା' ପର ଖବର ମୁଁ ଜାଣିନି। ଆସିଲାବେଳକୁ କ୍ୟାମ୍ପ୍‌ରେ ଶୁଣିଲି ସେ ଭାରତ ଭ୍ରମଣ କରୁଛି। ରାଗି ମାଗିକି କହିଲା ମାନବ। ଯେମିତି ବେଣୀ ସମ୍ପର୍କରେ ତାକୁ ପ୍ରଶ୍ନ କରିବା ତା' ପ୍ରତି ଏକ ବୋଝ। ଯେ ଉଠି ପଡ଼ିଲା। ବାଥ୍‌ରୁମ୍‌କୁ ଚାଲିଗଲା। ବେଣୀ ବିଷୟରେ ଆହୁରି ଅଧିକ ଜାଣିବା ପାଇଁ ସମସ୍ତଙ୍କର ଆଗ୍ରହ ଆହୁଁରି ବଢ଼ିଗଲା। ମାନବ ବାଥ୍‌ରୁମ୍‌କୁ ଫେରିବା ପୂର୍ବରୁ ବାସ୍ନା ଫୋନ୍ କରିଥିଲା ବେଣୀର ଘରକୁ। ସେଠୁ ଖବର ମିଳିଲା ଯେ, ବେଣୀ କ୍ୟାମ୍ପ୍‌ରୁ ତା'ର ପ୍ୟାକ୍ ଧରି ଦିଲ୍ଲୀ ପଳାଇଆସି ତା' ମାମୁ ଘରେ ଅଛି। ଏ ସମ୍ପର୍କରେ କଥାବାର୍ତ୍ତା ହେଉହେଉ ମାନବ ବାଥ୍‌ରୁମ୍‌ରୁ ଫେରିଆସିଲା। ସମସ୍ତେ ଚୁପ୍ ହେଇଗଲେ।

: ଭୋକ ହେଲାଣି। ଖାଇନେଇ ଶୋଇବି। ଭାରି କ୍ଳାନ୍ତ! କହିଲା ମନୁ। ଅଡ଼ଶୀ ପଡ଼ୋଶୀ ସବୁ ମାନବକୁ ଶୁଭରାତ୍ରି ଜଣାଇ ଫେରିଗଲେ। ଅବୋଧ ପଚାରିଦେଲେ: ତୋ ଫ୍ଲାଟ୍‌ପାଦ ଏଥର କିଛି ପ୍ରତିବନ୍ଧକ ସୃଷ୍ଟି କଲାକି?

କିଛି କହିଲାନି ମନୁ। ହସିଦେଇ ନିଜ ରୁମ୍‌କୁ ଚାଲିଗଲା। ଶାରଦାଦେବୀ ଉଦାସ ହେଇଗଲେ। ଚାହିଁଲେ ଅବୋଧକୁ। ଅବୋଧ ମୁହଁ ତଳକୁ କଲେ। ତାଙ୍କର ହୃଦ୍‌ବୋଧ ହେଲା, ଏମିତି ପ୍ରଶ୍ନ ପଚାରିବା ଉଚିତ ନ ଥିଲା। ଶାରଦାଦେବୀ ଉଦାସ ଓ କ୍ଷୋଭରେ ନିଜ ପାଦକୁ ଭୂଇଁରେ କଚାଡ଼ିଦେଲେ। କାହାକୁ ସେ ଦୋଷ ଦେବେ? କିଏ ଯା'ର ମୂଳ କାରଣ? ମାନବ ତାଙ୍କୁ ହିଁ ଦୋଷ ଦେଉଛି : ବୋଉ! ତମ ପାଦ ଫ୍ଲାଟ୍ ବୋଲି ମୋ' ପାଦ ଫ୍ଲାଟ୍। ସେଥିପାଇଁ କେତେକ ପରୀକ୍ଷା ମୁଁ ଦେଇପାରୁନି। ଶାରଦାଦେବୀ ରୋଷେଇ ଘରକୁ ଚାଲିଗଲେ। ଫ୍ଲାଟ୍ ପାଦ ସତ୍ତ୍ୱେ ପର୍ବତାରୋହଣ କରି ସଫଳ ହେଲା ତ ପୁଣି! ମଣିଷର ଇଚ୍ଛାଶକ୍ତି ଓ ଦକ୍ଷତା କ'ଣ ବଡ଼ କଥା ନୁହେଁ? ଶରୀର ଗଠନ କ'ଣ ସବୁକିଛି?

ରାତି ହାଙ୍କିଲାଣି। ସହର ଶୋଇବା ଶୋଇବା ହଉଚି। ସିକ୍ୟୁରିଟି ସର୍ଭିସ୍ ପଏଣ୍ଟରୁ ଶୁଭୁଚି ହୁଇସିଲ ଶବ୍ଦ। ତା' ସହ 'ଜାଗ୍‌ତେ ରହୋ'ର ଲମ୍ବା ରିଆଜ୍। ଶୋଇବା ପାଇଁ ବ୍ୟାକୁଳ ମଣିଷକୁ ଜାଗ୍ରତ ରହିବାକୁ ଆହ୍ୱାନ! ଆଶ୍ଚର୍ଯ୍ୟ ଲାଗିଲେ ବି ମାଆ ଶାରଦାଦେବୀଙ୍କ ପାଇଁ ତାହା ସତ୍ୟ ଥିଲା। ସେ ବିଛଣାରୁ ଚୁପ୍‌ଚାପ୍ ଉଠିଯାଇ ପୁଅର ଶୋଇବାଘର ଦର୍ଜା ପାଖକୁ ଚାଲିଗଲେ। ହାତମାରି ଦେଖିଲେ ଭିତରପଟୁ ହୁକ୍ ଦିଆଯାଇଛି। ଝର୍କା ବି ବନ୍ଦ। ସେ ନିଜ ରୁମ୍‌କୁ ଫେରିଆସିଲେ। ଲାଇଟ୍ ଅନ୍ କଲେ। ବିଛଣାରେ ଅବୋଧ ନିଘୋଡ଼ ନିଦରେ ଶୋଇଛନ୍ତି। ସେ ବସିପଡ଼ିଲେ। ଅବୋଧଙ୍କ ପାଦ ପାଖରେ ନିଜ ପାଦକୁ ଚଖିଲେ। ଦି'ଟି ପାଦ ତଳିପାକୁ ତଉଲିଲେ। ସତରେ ତାଙ୍କ ନିଜ ପାଦରେ ଏମିତି ବ୍ୟତିକ୍ରମ! ଅବୋଧଙ୍କ ପାଦ ତଳିପା ମଝିରେ ଖାଲ (ଆର୍ଚ୍ଚ) ଅଛି। ଯେଉଁଟା ଚାଲିବାରେ, ଧାଇଁବାରେ, ଦେହର ଓଜନକୁ ବୋହିବାରେ ଭାରସାମ୍ୟ ରକ୍ଷାକରେ। ଅଥଚ ତାଙ୍କର ପାଦ ପୂରା ସମତୁଲ। ଫ୍ଲାଟ୍! କିନ୍ତୁ ସେ ତ କାହିଁ କୌଣସି ଅସୁବିଧାର ସମ୍ମୁଖୀନ ହୋଇନାହାନ୍ତି! ଚାଲିବାରେ, ଝିଅଦିନେ ଧାଇଁବାରେ। ବରଂ ବାପଘରେ ସମସ୍ତେ କହିଛନ୍ତି ଶାରଦାର ପାଦ ଥାକୁଲ୍ ଥୁକୁଲ୍। ସେ ଭାଗ୍ୟବତୀ! ଏଇ ମନୁ, ତା'ରି ପାଇଁ ତାଙ୍କର ସବୁ ସରାଗରେ ପାଣି ଫାଟିଯାଉଛି। ମନୁର ପାଦ ମାଆ ଗୁଣ ଆଣିଛି।

ପିଲାଦିନେ ଭାରି ଚଗଲା ଥିଲା ମନୁ। ଯୋଉ ହଇରାଣ ହର୍କତ କରିଚି! ବାଲେଶ୍ୱର ମଲ୍ଲୀକାଶପୁରରେ ଭଡ଼ାଘରେ ଥିଲାବେଳେ ତାକୁ ଜମା ତିନିବର୍ଷ। ଘରେ ମୁହୂର୍ତ୍ତେ ରହିବନି। ଯା'ଘର, ତାଙ୍କ ବଗିଚା, ତାଙ୍କ ଗ୍ୟାରେଜ୍, ପାଖ ସ୍କୁଲ, କେଉଁଠିଯେ ଥିବ, ଠିକଣା ନାହିଁ। ଝିଅ ବାସ୍ନାର ଖାସ୍ କାମଥିଲା ମନୁକୁ ଖୋଜି ବାହାର କରିବା। ଶାରଦାଦେବୀ ପ୍ରତିଦିନ ମନରେ ଚଗଲାମି ଯଥା କାହାଘରେ ଟିଭି ସୁଇଚ୍ ଭାଙ୍ଗିବା, କାହାର ବିସ୍କୁଟ୍ ଡବା ଖସେଇ ପକେଇବା, କାହାଘରେ ଲାଇବ୍ରେରିରୁ ବହି କାଢ଼ି ଚିରି ପକେଇବା, କାହାର ଫୁଲଗଛ ଉପାଡ଼ି ପକେଇବା ପ୍ରଭୃତି ଲମ୍ବା ଅଭିଯୋଗ ଫର୍ଦ୍ଦର ହିସାବନିକାଶ କରୁଥିଲେ। ଘରର ବାସନକୁସନ ଯାହା ପାଇଲା ତାକୁ ନେଇ କୂଅରେ ଫିଙ୍ଗିଦେଲା। ଯେଉଁ ଶବ୍ଦ କୂଅରୁ ବାହାରୁଥିଲା, ତା' ସହ ତାଳ ମିଳାଇ କହୁଥିଲା ଗାଉଁ! ବାଘ! ସେଥିପାଇଁ ଶାରଦା ମନୁର ହାତପାହାନ୍ତାରୁ ଦୂରେଇ ରଖୁଥିଲେ ବାସନକୁସନ, ଆସବାବପତ୍ର। କିନ୍ତୁ କିଛି ନା କିଛି ମନୁ ହାତରେ ପଡ଼ିଯାଉଥିଲା। ଏବଂ ସେ ବସ୍ତୁଟି କୂଅଗର୍ଭକୁ ଅନାୟାସରେ ଚାଲିଯାଉଥିଲା। ଶେଷରେ ବାଧ୍ୟ ହେଇ ଭଡ଼ାଘର ବଦଳେଇବାକୁ ପଡ଼ିଥିଲା, ଯେଉଁଠି କୂଅ ପରିବର୍ତ୍ତେ ଟ୍ୟୁବ୍‌ୱେଲ ଥିଲା।

ମନୁ ଭାରି ଗୀତନାଚ ପ୍ରିୟ ବି ଥିଲା। ଟିଭିରୁ, କ୍ୟାସେଟ୍‌ରୁ ଗୀତ ଶୁଣିଲେ ସେ ତାଳ ଅନୁଯାୟୀ ନାଚୁଥିଲା। ଭବିଷ୍ୟତରେ ମନୁ ଗୋଟେ ଗାୟକ ବା ନର୍ତ୍ତକ କିମ୍ବା ଅଭିନେତା ହେବ ବୋଲି ସମସ୍ତେ କହୁଥିଲେ।

ଦିନେ ସକାଳ ନଅଟାରେ ଖୋଜିଲାବେଳକୁ ମନୁ ନାହିଁ। ଚାରିଆଡ଼େ ଖୋଜାହେଲା। ଷ୍ଟ୍ରିଟ୍‌ର ଗଳିକନ୍ଦି। ସମସ୍ତଙ୍କ ଘର। କିନ୍ତୁ ମନୁର ପତ୍ତା ମିଳୁନି। କୁଆଡ଼େ ଗଲା? କେତେନା କେତେ ଦୁର୍ଘଟଣାର ବିଷୟ ଛୁଇଁଛି ମନକୁ। ଶାରଦାଙ୍କ ମନକୁ କଥାଟେ ଛୁଇଁଲା। ଘଣ୍ଟାକ ତଳେ ଗୋଟେ ବାହାଘର ପାର୍ଟି ବ୍ୟାଣ୍ଡ୍ ବଜାଇ ନଚାନଚି କରି ଯାଉଥିଲେ। ସେଇମାନଙ୍କ ମେଳରେ ମନୁ ନାଚିନାଚି ଚାଲିଗଲାକି? ଶାରଦା ଅବୋଧଙ୍କୁ ଏ ସମ୍ପର୍କରେ କହିଲାରୁ ଅବୋଧ ଛୁଟି ଯାଇଥିଲେ ସେଇ ଦିଗରେ। ପ୍ରାୟ ଅଧଫର୍ଲଙ୍ଗେ ଦୂରରେ ବାହାଘର ବ୍ୟାଣ୍ଡ ଯାଉଥିଲା। ସେଠି ଦେଖିଲାବେଳକୁ ସତକୁ ସତ ନାଚୁଥିବା ଟୋକାଙ୍କ ମଝିରେ ନାଚୁଛି ମନୁ! ଏଡ଼ିକିଟିଏ ଛୁଆ ତାଳ ଦେଇ ନାଚୁଥିବାରୁ କିଏ ତାକୁ ଟେକିନେଇ ଗେଲ କଲାଣି ତ, କିଏ ତାକୁ କାନ୍ଧରେ ବସାଇ ନାଚିଲାଣି। ଅବୋଧ ମନୁକୁ ସେଠୁ ନେଇ ଆସିଲେ। ପରେପରେ ଏମିତି ହେଲା ଯେ କ୍ଲବର ଉତ୍ସବ, ଡ୍ରାମା ଓ ନାଚ କାର୍ଯ୍ୟକ୍ରମରେ ତାକୁ ନେଇ ଷ୍ଟେଜ୍‌ରେ ନଚାଇଲେ।

ମନୁ ମାଇନର ପଢୁଥିବାବେଳେ ଦ୍ୱିତୀୟ ବେଞ୍ଚରେ ବସୁଥିଲା। ପ୍ରଥମ ବେଞ୍ଚରେ ଝିଅପିଲା ସବୁ ବସୁଥିଲେ। ମନୁ ସାମ୍ନାରେ ବସୁଥିବା ଝିଅଟିଏ ପରୀକ୍ଷା ପୂର୍ବରୁ ମନୁକୁ କହିଲା: ମୁଁ ତତେ ପାଞ୍ଚଟଙ୍କା ଦେବି, ତୁ ମୋତେ ଅଙ୍କ କହିଦେବୁ?

ମନୁ କହିଲା: ହଁ। ଝିଅଟି ସଙ୍ଗେସଙ୍ଗେ ତା' ବକ୍ସରୁ ଛୋଟ ମନିପର୍ସ ବାହାରକଲା। ସେଥିରୁ ପାଞ୍ଚଟଙ୍କା ମନୁକୁ ଦେଲା। ମନୁ ଖେଳଛୁଟିରେ ସେଇ ପଇସାରେ ଦୋଷା କିଣି ଖାଇଦେଲା। ପରୀକ୍ଷା ଦିନ ଝିଅଟି ହତାଶ ହେଲା। ତା'ର ସିଟ୍ ଥିଲା ସବା ଆଗ ବେଞ୍ଚରେ ତ ମନୁର ସିଟ୍ ଥିଲା ଶେଷ ବେଞ୍ଚରେ। ପ୍ରଥମ ଦିନ ପରୀକ୍ଷା ପରେ ଝିଅଟି ମନୁକୁ ପଇସା ଫେରସ୍ତ ମାଗିଲା। ମନୁ ଦେବାକୁ ମନାକଲା। ସିଟ୍ ବଦଳ ପାଇଁ ମୁଁ ଦାୟୀ ନୁହେଁ କହିଲା। ଝିଅଟା ଚାଲାକ୍ ଥିଲା। ଧାର ନେଇ ପଇସା ଫେରାଉ ନାହିଁ ବୋଲି ମନୁ ଉପରେ ପାଟି କଲା। ମନୁ ତା'ଠୁ ଦେଢ଼ା। ବେଶି ପାଟିକଲେ ସମସ୍ତଙ୍କୁ ସତ କହିଦେବି, ମଜା ବୁଝିବୁ ବୋଲି ଜବାବ ଦେଲା। ଝିଅଟି ଚୁପ୍ ରହିଲା। କିନ୍ତୁ ମନୁ ଉପରେ ରବେଇଖବେଇ ହେଲା। ତା'ର ପାଞ୍ଚଟଙ୍କାଟି ତାଆରି ଦୁର୍ବଳତା ହେଇ ରହିଗଲା ମନୁ ପାଖରେ। ସେଇ ଦୁର୍ବଳତାକୁ ଅତିକ୍ରମ କରିବାର ମାନସିକତାରେ ହିଁ ମନୁ ତା'ର ପ୍ରତିଦ୍ୱନ୍ଦ୍ୱୀ ହେଇଗଲା। ସେଇ ଝିଅ ହିଁ ବେଣି!

ହାଇସ୍କୁଲରେ ଆଡ୍‌ମିଶନ ହେଇସାରିଲା ପରେ ଏନ୍‌ସିସିରେ ଯୋଗଦେବା ପାଇଁ ଦରଖାସ୍ତ କଲା ମନୁ। ସେଥିପାଇଁ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କଲା। କେଉଁଥିରେ ପ୍ରଥମ, କେଉଁଥିରେ ଦ୍ୱିତୀୟ ହେଲା। ବୟସ ଅନୁସାରେ ଉଚ୍ଚତା ଟିକେ କମ୍ ଥିଲା। ତା' ସାଙ୍ଗକୁ ତା'ର ଫ୍ଲାଟ୍ ଫୁଟ୍। ସମତୁଲ ପାଦ। ତେଣୁ ୱେଟିଂ ଲିଷ୍ଟରେ ରହିଲା ମନୁ ସ୍କୁଲ ପାଠ ସରିଲାଯାଏ। ଏନ୍‌ସିସି ନେଇଥିବା କିଛି ସାଙ୍ଗ ତାକୁ ଚିଡ଼ାଉଥିଲେ କଲେଜ ଆଡ୍‌ମିଶନରେ ୱେଟେଜ୍ ପାଇବ ବୋଲି ଟୋକା କେତେ ଆଶା ବାନ୍ଧିଥିଲା ଫ୍ଲାଟ୍ ଫୁଟ୍ ସତ୍ତ୍ୱେ! ଫସର ଫାଟିଗଲା! ସେତେବେଳେ ଚିଡ଼ି ଯାଉଥିଲା ମାନବ। କିନ୍ତୁ କିଛି କହୁ ନ ଥିଲା। ଫ୍ଲାଟ୍ ଫୁଟ୍ ତା' ଆଗ୍ରହର କ୍ୟାରିୟରକୁ ଭାଙ୍ଗି ଦେବାର ଅନୁଭବ ତାକୁ ବିମର୍ଶ କରୁଥିଲା। କିନ୍ତୁ ସେ ପ୍ରତିଦିନ ଯୋଗ, ବ୍ୟାୟାମ କରୁଥିଲା। ମନ ଖରାପ ହେଇ ଯାଉଥିଲେ ପାଦ ତଳିପାକୁ ମୁଥ ମାରୁଥିଲା ବେଳେବେଳେ।

ମାଟ୍ରିକ୍ ପରୀକ୍ଷାରେ ଖୁବ୍ ଭଲ ନମ୍ବର ରଖି ପାସ୍ କରିଥିଲା ମନୁ। ବଡ଼ ଭଉଣୀ ବାସ୍ନା ମାନବକୁ ପଚାରିଥିଲା: ତୁ କ'ଣ ପଢ଼ିବୁ? ଜୀବନରେ କ'ଣ କରିବାକୁ ଚାହୁଁଛୁ?

: କିଛି ଗୋଟାଏ ବ୍ୟତିକ୍ରମ ହେବି– କହିଲା ମନୁ। ତା' କଥାର ଓଜନ ଓ ଢଙ୍ଗ ସେମିତି କିଛି ଖାସ ବିଶ୍ୱାସ ଆଣିପାରି ନ ଥିଲା ପରିବାରରେ। ଅବୋଧ ଚିନ୍ତିତ ଥିଲେ। ମୁଁ ଜାଣିବା ନିହାତି ଦରକାର ବୋଲି କହିଲେ। ମନୁ ହସିଦେଲା। କହିଲା: ଆର୍ଟସ ପଢ଼ିବି। ବି.ଏ.ରେ ଭୂଗୋଳ ଅନର୍ସ। ସେଇଥିରେ ଏମ୍.ଏ.।

ସାରା ପରିବାର ଚହଲିଗଲା। ଅବୋଧ ଅଧିକ ଚିନ୍ତିତ ଜଣାପଡ଼ିଲେ। ଅଣବାଟୁଆ ହେଇଯାଉଛି କି ମନୁ! ମ୍ୟାନେଜମେଣ୍ଟ ସାଇନ୍ସ, ଟେକ୍ନୋଲୋଜି ଓ ମେଡିକାଲ ଛାଡ଼ି ଭୂଗୋଳ! ଅବୋଧ ଏଯାବତ୍ ମନୁର ଅନ୍ତଃଶକ୍ତିକୁ ଯେତିକି ମାପିଛନ୍ତି ମନୁ ଅବଶ୍ୟ ତାକୁ ଅଧିକ ପାରଙ୍ଗମତା ପ୍ରଦର୍ଶନ କରିଛି। କିନ୍ତୁ ଭୂଗୋଳ ପାଠଟାକୁ ବାଛିବା ମୂଳରେ ତାତ୍ପର୍ଯ୍ୟ କ'ଣ? ପଚାରିଲେ ଅବୋଧ।

: ସବୁର ମୂଳ ଭୂଗୋଳ। ଆଉ ସବୁ ଡାଳ! ଭୌଗୋଳିକ ସ୍ଥିତି ଅନୁଯାୟୀ ପରିବେଶ, ବାତାବରଣ, ମଣିଷ, ତା'ର ସଭ୍ୟତା, ତା'ର ସଂସ୍କୃତି, ତା'ର ଚଳଣି! କହିଲା ମନୁ।

ଅବୋଧ ମାନବର ଏ କଥାରେ ଚହଲିଗଲେ ସତ, କିନ୍ତୁ ପ୍ରତ୍ୟୟ ଆସୁ ନ ଥିଲା। ଏଇ ଭୂଗୋଳ ବିଷୟ ପ୍ରତି ମନୁର ବଢ଼ି ଉଠିଥିବା ଉତ୍ସାହ ଅବୋଧ ସାମ୍ନାରେ ଏକ ନୂଆ ରୂପ ନେଇ ଛିଡ଼ା ହେଲା। ସାମ୍ନାରେ ଏକ ଆଲୋକ ରେଖା ଝଲସି ଉଠିଲା। ଯେମିତି ଭୂଗୋଳ ଏକ ଅନିବାର୍ଯ୍ୟ ଆବଶ୍ୟକତାରେ ପରିଣତ ହେଇଚି। ଅବୋଧ ଗମ୍ଭୀର ହେଇଗଲେ। ଯେଉଁମାନେ ଯୁଗ ସହ ତାଳ ଦେଇ ଗତି କରିଥାଆନ୍ତି, ସେମାନେ କେବେହେଲେ ଯୁଗ ସୃଷ୍ଟି କରିପାରନ୍ତି ନାହିଁ। ବାଟ ଭାଙ୍ଗି ଯାଉଥିବା ଲୋକଟି ନୂତନତ୍ୱର ସନ୍ଧାନ କରିଥାଆନ୍ତି। ଏମିତି ଏକ ଅବୋଧରେ ଅବୋଧ ମନୁକୁ ଚାହିଁଲେ। ଯାହା ଭଲ ଭାବୁଛୁ ତାହା କର! କହିଲେ।

କଲେଜରେ ନାଁ ଲେଖା ପରଠୁଁ ମନୁ ଟିଙ୍କ ଭଳି ଲାଗିଗଲା ଆଡ୍‌ଭେଞ୍ଚର ସ୍ପୋର୍ଟସ ଏକାଡେମୀର ଆଥଲେଟ୍ ହେବା ପାଇଁ। ପ୍ରାର୍ଥୀଙ୍କ ସଂଖ୍ୟା ଅନେକ ହେଇଯିବାରୁ ଯୋଗ୍ୟତା ଭିତ୍ତିରେ ଚୟନ ଲାଗି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହେଲା। ମନୁ ସେସବୁରେ ଉତ୍ତୀର୍ଣ୍ଣ ହେଲା। କିନ୍ତୁ ଅଟକିଲା ପାଦରେ। ଫ୍ଲାଟ୍ ଫୁଟ୍। ସାର୍ ଦୁଃଖପ୍ରକାଶ କଲେ। ମନୁର ପିଠି ଥାପୁଡ଼େଇଲେ। ଅଧୈର୍ଯ୍ୟ ନ ହେବାକୁ କହିଲେ। ୱେଟିଂ ଲିଷ୍ଟରେ ରହିଲା ମନୁ। ଅବସୋସରେ ଘାରି ହେଇ ଚୟନ କ୍ୟାମ୍ପ୍‌ରୁ ଫେରିବା ମୁହୂର୍ତ୍ତରେ ହିଁ ଦେଖିଥିଲା ବେଣୀକୁ, ଯିଏ ତା'ରି ଆଡ଼କୁ ଆଗେଇ ଆସୁଛି। ଯା' ଭିତରେ ତିନି ବର୍ଷ ବିତିଯାଇଥିଲେ ବି ମନୁର ଅନୁଭବ ହେଲା ଯେମିତି ବେଣୀର ଆଖି ତାକୁ ଖୁମ୍ପୁଛି। ଯେମିତି ତାକୁ କହୁଚି: ଫେରା ମୋ' ପାଞ୍ଚ ଟଙ୍କା।

ସାଙ୍ଗହେଇ ମାଇନର ପଢୁଥିଲେ। ପରେ ବେଣୀ ପାର୍ଲସ ହାଇସ୍କୁଲରେ ପଢ଼ିଲା ତ ମନୁ ଅନ୍ୟ ସ୍କୁଲରେ ପଢ଼ିଲା। ରାସ୍ତାରେ କେବେକେବେ ଦେଖାହେଲେ ବେଣୀ ତାକୁ ପାଞ୍ଚ ଟଙ୍କା ମାଗୁଥିଲା। ମନୁ ଦେଉ ନ ଥିଲା। ଏବେ ପାଖରେ ପହଞ୍ଚିଲାରୁ ମନୁ ପଚାରିଲା: କୁଆଡେ? ନିଜ କଲେଜ ଛାଡ଼ି ଏଠି?



: ସାଙ୍ଗ ପାଖକୁ ଆସିଥିଲି। ତୋ ସମ୍ପର୍କରେ ବି ଖବର ରଖିଚି। ତୁ ଆର୍ଟସରେ ଆଡ୍‌ମିଶନ କରିଛୁ। ଆଡ୍‌ଭେଞ୍ଚର ସ୍ପୋର୍ଟସ ପାଇଁ ପ୍ରାର୍ଥୀ ଥିଲୁ। ସମତୁଲ ପାଦ ପାଇଁ ୱେଟିଂ ଲିଷ୍ଟରେ ଅଛୁ!

ମନୁ ଆଶ୍ଚର୍ଯ୍ୟ ହେଲା। ବେଣୀ ତା' ସଂପର୍କରେ ଏତେ ଖବର ରଖିଚି? ସେ ତ ଅପେକ୍ଷା ତାଲିକାରେ ଏଇ ଏବେଏବେ ରହିଲା। ଏତେ ଶୀଘ୍ର ସେ ସୂଚନାଟି ସଂଗ୍ରହ କଲା କେମିତି? ବେଣୀ ଏତେ ଚତୁରୀ? ଏତେ କୌଶଳୀ? ମନୁ ପଚାରିନେଲା: ସାଙ୍ଗେ ସାଙ୍ଗେ ଏତେ ଖବର କୋଉଠୁ ପାଇଲୁ?

: ମୋ' ପାଞ୍ଚ ଟଙ୍କା ତୁ ନ ଫେରାଇଲା ଯାଏ ମୁଁ ତୋର ଟିକିନିଖି ଖବର ସଂଗ୍ରହ କରୁଥିବି। ଦାଣ୍ଡରେ କହିଲା ବେଣୀ।

ମନୁ ଭାବିଲା ବେଣୀ ଏତକ କହି ପରେ ମୁରୁକି ହସିବ, କିନ୍ତୁ ବେଣୀ ଆଦୌ ହସିଲାନି। ମନୁ ରାଗିଗଲା। କହିଲା: ପାଞ୍ଚଟଙ୍କା କ'ଣ ପାଇଁ ଦେଇଥିଲୁ, ଭୁଲିଗଲୁ? ଏବେ କହ, କେଉଁଥିରେ ଆଡ୍‌ମିଶନ କରିଛୁ?

: ସାଇନ୍ସ। ପିସିଏମ୍‌ବି। ହାଇସ୍କୁଲରେ ଏନ୍‌ସିସି ନେଇଥିଲି। କଲେଜରେ ବି। ଆଡ୍‌ଭେଞ୍ଚର ସ୍ପୋର୍ଟସ ଏକାଡେମୀରେ ବି ସିଟ୍‌ଟେ ନେଇସାରିଛି। ଠକ୍ ଠକ୍ କହିଲା ବେଣୀ। ଠାଣିରେ ଚାଲିଗଲା।

ତା' ପରଦିନ ମନୁ ସ୍ପୋର୍ଟସ ଏକାଡେମୀର ସାର୍‌ଙ୍କୁ ସାକ୍ଷାତ୍ କଲା। ଅପେକ୍ଷା କର, ହତାଶ ହୁଅ ନାହିଁ, କ୍ରୀଡ଼ା ପାଇଁ ଅନ୍ୟ ଅନେକ କ୍ଷେତ୍ର ରହିଚି ବୋଲି ସାର୍ ତାକୁ ବୁଝାଇଲେ। ମନୁ ପ୍ରତିଥର ନିଜର ରୁଚି ଓ ଆଗ୍ରହ ପ୍ରସଙ୍ଗଟି ଉତ୍ଥାପନ କରି ଫେରିଆସେ। ସେ ଲକ୍ଷ୍ୟ କରେ ସାର୍ ଚିନ୍ତିତ ହୁଅନ୍ତି ତା' ପାଇଁ। ମନୁ ଆଶା ବାନ୍ଧେ। ଆକାଶରେ ପକ୍ଷୀ ଉଡ଼ନ୍ତି। ମନୁ ନିଜକୁ କହି ହୁଏ, ବେଷ୍ଟ ଅଫ୍ ଲକ୍!

କିଛି ଦିନ ପରେ ସ୍ପୋର୍ଟସ ସାର୍ ତାକୁ ଡାକି କହିଲେ: ମାନବ! ତୁମ ପାଇଁ ଗୋଟେ ଶୁଭ ଖବର। ଦି' ଜଣ ପିଲା ଯୋଗ ଦେଲେନି। ଗୋଟେ ସିଟ୍ ତୁମର। ଏବେ ଖୁସି ତ? ତୁମ ପାଇଁ ମୁଁ ଗୋଟେ ରିସ୍କ ନେଉଛି। ମନୁ ଗଦଗଦ ହେଇଗଲା। ତା' ପାଦ ତଳିପାକୁ ଆଉଁଶିଲା। କହିଲା: ତୁ କ'ଣ ମୋତେ ଅଟକେଇ ଦେଇପାରିବୁ? ସ୍ପୋର୍ଟସ କ୍ଲାସରେ ମନୁ ଆବଶ୍ୟକତାଠୁଁ ବେଶି ସତର୍କ ଓ ସଚେତନ ହେଲା। ସମସ୍ତଙ୍କ ଭିତରେ ବାରି ହେଇପଡ଼ିଲା। ସ୍ପୋର୍ଟସ ସାର୍‌ଙ୍କ ମନରେ ବେଳେବେଳେ ଝଟକୁଥିବା ଦ୍ୱନ୍ଦ୍ୱ, ଏଇ ଯେ ମାନବର ଫ୍ଲାଟ୍ ଫୁଟ୍ ଥିବା ସତ୍ତ୍ୱେ ତାକୁ ଏକାଡେମୀରେ ଗ୍ରହଣ କରିବା ଠିକ୍ ହେଇଚି ନା ଭୁଲ ହେଇଚି, ଏଇ ଭାବନା ଦୂର ହେଇଗଲା। ପ୍ରାକ୍ଟିସ୍ କଲା ବେଳେ ମନୁର ଚମକୁଥିବା ମୁହଁକୁ ଲକ୍ଷ୍ୟ କରନ୍ତି ସେ। ନିଜେ ବିହ୍ୱଳ ହେଇଯାଆନ୍ତି। ମଣିଷର ଆଗ୍ରହ ସାକାର ହେବା ହିଁ ତା'ର ବରପ୍ରାପ୍ତି! ସାର୍‌ଙ୍କ ଆଖି ଲାଖିଯାଏ ମନୁର ପାଦ ଉପରେ ଛାଁ କୁ ଛାଁ। ମନୁର ପାଦପାତ କେତେ ଦୃଢ଼, କେତେ ମ୍ୟୁଜିକାଲ, ଫ୍ଲାଟ୍ ଫୁଟ୍ ସତ୍ତ୍ୱେ!

ମନୁ ସ୍ପୋର୍ଟସ ଏକାଡେମୀରେ ଯୋଗ ଦେବା ଖବର ବେଣୀ ପାଖରେ ପହଞ୍ଚିଲାରୁ ସେ ଆହୁରି ତେଜ୍ ଦିଶିଲା। ଆଉଟିକେ ପ୍ରଖର ଲାଗିଲା। ରାସ୍ତାରେ କେବେ କେମିତି ଦେଖାହେଲେ ମନୁ ହସିଲା ହସିଲା ଦିଶିଲା ତ ବେଣୀ ଜଳିଲା ଜଳିଲା ଦିଶିଲା।

ସାହସିକ କ୍ରୀଡ଼ାରେ ଅଂଶ ଗ୍ରହଣ କରିବା ପାଇଁ ସମସ୍ତେ ରାଜି ନ ଥିଲେ। କାରଣ ଏହା ସାହସିକ କ୍ରୀଡ଼ା ଅପେକ୍ଷା ଦୁଃସାହସିକ କ୍ରୀଡ଼ା ହିଁ ଥିଲା। ଉଡ଼ନ୍ତା ହେଲିକପ୍ଟରରୁ ପାରାଚ୍ୟୁଟ ସାହାଯ୍ୟରେ ଆକାଶମାର୍ଗରୁ ଓହ୍ଲାଇବା (ସ୍କାଏ ଡାଇଭିଂ), ଝରଣା ବା ଖରସ୍ରୁଅ ଥିବା ନଈରେ ଛୋଟ ଡଙ୍ଗା ଚାଳନା କରିବା (ରିଭର ରାଫ୍ଟିଂ), ପାଦରେ ସ୍କି ଲଗାଇ ବରଫରେ ଖସିବା (ସ୍ନୋ ସ୍କିଂ), ବରଫ ପାହାଡ଼ ଉପରୁ ଦଉଡ଼ି ସାହାଯ୍ୟରେ ଓହ୍ଲାଇବା, ଚଢ଼ିବା (ସ୍ନୋ ରାପ୍ଲିଂ), ପାଣି ତଳେ ପହଁରିବା, ହାତରେ ଉଡାଣଧରି ଆକାଶରେ ଉଡ଼ିବା (ଗ୍ଲାଇଡିଂ), ସମୁଦ୍ରର ବିଶାଳ ଢେଉରେ ନୌଚାଳନା କରିବା (ସର୍ଫିଂ), ଗଭୀର ସାଗର ଭିତରକୁ ନୌକା ଚାଳନା କରିବା (ସେଲିଂ), ଉଚ୍ଚ ପାହାଡ ଚଢ଼ିବା (ଟ୍ରେକିଂ) ପ୍ରଭୃତି ସଂକଟପୂର୍ଣ୍ଣ କ୍ରୀଡ଼ା ସେଥିରେ ଅନ୍ତର୍ଭୁକ୍ତ। ସାରା ରାଜ୍ୟରୁ ଖୁବ୍ କମ ପିଲା ସେଥିରେ ଅଂଶଗ୍ରହଣ କରିବେ। ମନୁ ନିଜର ସମତୁଲ ପାଦକୁ ଆଉଁଶିଲା। କହିଲା: ଗୁଡ୍ ଲକ୍ ମାଇଁ ଫୁଟ୍!

ଅଞ୍ଚଳରୁ ଜିଲ୍ଲା, ଜିଲ୍ଲାରୁ ରାଜ୍ୟ, ଏସବୁ ପ୍ରତିଯୋଗିତାରେ ମନୁ ଉତ୍ତୀର୍ଣ୍ଣ ହେଇ ମନୋନୀତ ହେଇଗଲା ସାହସିକ କ୍ରୀଡ଼ାରେ ଅଂଶଗ୍ରହଣ କରିବା ପାଇଁ। ସ୍ପୋର୍ଟସ ସାର୍ ମନକୁ ସାବାସି ଦେଲେ, 'ମାଇଁ ବ୍ରେଭ୍ ବୟ' ବୋଲି ଛାତି ଫୁଲାଇ କହିଲେ। ମନୁର ଫ୍ଲାଟ୍ ଫୁଟ୍ ସତ୍ତ୍ୱେ ତାକୁ ଗ୍ରହଣ କରି ସେ ନିଶ୍ଚୟ ଭୁଲ କରିନାହାନ୍ତି। ଏମିତି ତ ପ୍ରତ୍ୟେକ ମଣିଷ କେଉଁଠି ନା କେଉଁଠି ବିକଳାଙ୍ଗ, କେଉଁଠି ନା କେଉଁଠି ଅକ୍ଷମ!

: ଓ୍ୱିମେନ୍ସ କଲେଜର ବେଣୀ ମଧ୍ୟ ମନୋନୀତା ହେଇଚି! ସାର୍ କହିଲେ।

ହସିଦେଲା ମନୁ। କିଛି କହିଲାନି। ସେକଥା ଆଗରୁ ଜାଣିଥିଲା।

ହେଲିକପ୍ଟରରୁ ପାରାଚ୍ୟୁଟ୍‌ରେ ଓହ୍ଲାଇଲା ବେଳେ ପ୍ରଥମ ଜମ୍ପ୍ ପରେ ସାମାନ୍ୟ ବେହୋସିଆ ହେଇ ଯାଇଥିଲା ମନୁ, କିନ୍ତୁ ସଙ୍ଗେସଙ୍ଗେ ସଚେତନ ହେଇଯାଇ ପାରାଚ୍ୟୁଟ୍‌ର ଚେନ୍ ଖୋଲିଥିଲା। ରକ୍ଷା! ଗଭୀର ସାଗର ଭିତରେ ନୌଚାଳନା କଲାବେଳେ ଚାରିପାଖେ ଗାଇଡ୍‌ବୋଟ୍ ସବୁ ଥିଲା ପାଖେପାଖେ। ସାହସ ଜମି ଆସୁଥିଲା। ପାହାଡ଼ ଚଢ଼ାରେ ମନୁ ରାଜ୍ୟରେ ପ୍ରଥମ ହେଇଥିଲା। ପ୍ରତି ଇଭେଣ୍ଟ୍‌ରେ ଅଂଶ ଗ୍ରହଣ କରି ସଫଳତାର ସହ ଫେରିଥିଲା। ସେ ବର୍ଷ ଅଗଷ୍ଟ ୧୫ରେ ଜିଲାପାଳ ମନୁକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ବିଭିନ୍ନ ଖବରକାଗଜରେ ତା' ଫଟୋ ପ୍ରକାଶିତ ହୋଇଥିଲା। ବେଣୀ ଥରେ ମନୁକୁ କମେଣ୍ଟ କରିଥିଲା: ହଉ! ଅସଲ ସମୟରେ ତୋ ଫ୍ଲାଟ୍ ଫୁଟ୍ ତୋତେ ଧୋକା ଦବ। ଦେଖିବୁ!

ମନୁ ସମ୍ବରଣ କରିଥିଲା ସେ ଆକ୍ଷେପ। ଭ୍ରୂକ୍ଷେପ ନ କରିବାର ମୁହଁ ଓ ଚାହାଣିଟେ ଫିଙ୍ଗି ଦେଇଥିଲା ବେଣୀ ଆଡ଼କୁ।

ମନୁ ଓ ବେଣୀ ଉଭୟଙ୍କର ଏଇ ପ୍ରତିଦ୍ୱନ୍ଦ୍ୱିତା ଜାଗତିକ ସ୍ତରରେ ବେଶ୍ ଉଜାଗର ଥିଲା ସତ, କିନ୍ତୁ କାର୍ଯ୍ୟଧାରା ଓ ନିଷ୍ଠାରେ ସେସବୁକୁ ଅତିକ୍ରମ କରିଯାଉଥିଲେ ଅନ୍ତରରେ! ଯେକୌଣସି ସଫଳତାର ଏହା ହିଁ ଆଦିସୂତ୍ର! ପ୍ରତିଦ୍ୱନ୍ଦ୍ୱୀ ହୁଅ ବନ୍ଧୁ ବି ହୁଅ! ଶତ୍ରୁ ନୁହେଁ! ବହୁବାର ବେଣୀ ମନୁକୁ ତା'ର ସ୍କୁଲ ଦିନର ପାଞ୍ଚଟଙ୍କା ମାଗିଛି, କିନ୍ତୁ ଫେରାଇ ନାହିଁ ମନୁ। ବେଣୀର ନାସାଗ୍ର ଥରି ଉଠିଛି। ସେତେବେଳେ ମନୁ ଓଠଚାପି ହସି ଦେଇଛି। ଉଦାସ ହେଇଯାଇଛି ବେଣୀ। ପରକ୍ଷଣରେ ମୁହଁରେ ଦିଶିଛି ଯୁଦ୍ଧ ଓ ଆଖିର ଦୀପ୍ତି! ଭଉଣୀ ବାସ୍ନା କେତେଥର ପଚାରିଛି– ତୁମ ଦୁହିଁଙ୍କର ସମ୍ପର୍କ?

: ସେ ପର୍ବତାରୋହୀ, ମୁଁ ପର୍ବତାରୋହୀ। ଏଇଟା କ'ଣ ଗୋଟେ ସମ୍ପର୍କ ନୁହେଁ?

ଏତକ କହି ଚୁପ୍ ରହେ ମନୁ। ଭଉଣୀ ବାସ୍ନା ଯେଉଁ ସମ୍ପର୍କର କଥା ଚିନ୍ତା କରୁଛି ସେ ସବୁ ଯେ ବର୍ତ୍ତମାନ ସମୟରେ ଅଯଥା ସମୟକୁ ନଷ୍ଟ କରିଦେଉଥିବା ପ୍ରହସନ ପଦବାଚ୍ୟ ହେଇଗଲାଣି ଏକଥା ଜାଣି ବି ଅଜଣା କାହିଁକି? ଗତକାଲି ରାତିରେ କ'ଣ କ'ଣ ଖାଇଥିଲେ, ଏକଥା ଖୁବ୍ ଭଲ ଭାବରେ ସ୍ମରଣକୁ ଆସୁନଥିବା ଆଜିର ମଣିଷର ସମ୍ପର୍କ କହିଲେ ନିଜ ଗତିପଥରେ ଆସୁଥିବା ପ୍ରତିଦ୍ୱନ୍ଦ୍ୱୀର ପରିଚୟ ମାତ୍ର!

ଏଭଳି ଭାବୁଥିଲାବେଳେ ମନୁର ପାଖ ଦେଇ ଚାଲି ଯାଉଥିଲେ ଶାରଦା। ତା'ର ଚିନ୍ତାରେ ହଠାତ୍ ଆଘାତ ପଡ଼ିଗଲା। ସାମ୍ନାରେ ପୁଣି ଉଭାହେଲା ବେଣୀ। ଯେଉଁ ଛବି ତା' ଆଗରେ ଝଟକିଲା, ସେଥିରେ ସେ ମୋହମୁଗ୍ଧ ହୋଇଉଠିଲା। ଆଖିରେ ସହସ୍ର ପଦ୍ମ। ଓଠରେ ଛଳଛଳ ରକ୍ତର ସ୍ପର୍ଦ୍ଧା। ଗଭାରେ କୋଟି ରଜନୀଗନ୍ଧାର ଖୋସା!

: ଭୁଲ, ସବୁ ଭୁଲ! ... ମନର ମାନସାଙ୍କ ସବୁ ଭୁଲ... ! ଭିତରେ ଭିତରେ ଚିତ୍କାର କଲା ମନୁ। ବେଣୀ ଜଣେ ପର୍ବତଚଢାଳି ହିଁ ନୁହେଁ। ତା'ର ପ୍ରତିଦ୍ୱନ୍ଦ୍ୱୀ ହିଁ ନୁହେଁ। ସଞ୍ଜେଇ ଆସୁଥିବା ଆକାଶର ଖୁବ୍ ଦୂରରେ ଉଡୁଥିବା ଏକ ଶଙ୍ଖଶୁଭ୍ର ପକ୍ଷୀ। ଗ୍ରାମାନ୍ତର ଗହୀର ବିଲମଝିରୁ ନିଶାର୍ଦ୍ଧରେ ଭାସି ଆସୁଥିବା ଝିଙ୍କାରିର ସ୍ୱରଟିଏ। ପ୍ରତିଟି ମଣିଷର ଅନ୍ୟ ଦିଗ ଅଛି। ଅନ୍ୟ ରାହା ଅଛି! ନିଜର ଭାବାନ୍ତରକୁ ଆଉ ରୋକିପାରିଲାନି ମନୁ। ବେଣୀ ପାଖକୁ ଟେଲିଫୋନ୍ କଲା।

ସେପାଖରୁ ବେଣୀର କଣ୍ଠ ଶୁଭିଲା: ନାଇଁ ନାଇଁ ମୁଁ ଫେରିଆସିବି କାହିଁକି? ଦ୍ୱିତୀୟ ବ୍ୟାଚରେ ପୁଣି ଗଲି। ଜାଣୁ? କୋଡ଼ିଏ ହଜାର ଫୁଟ୍ ଉପରକୁ ଆରୋହଣ କରି ଆସିଛି! ତୁ ସିନା ମୋତେ ଅନ୍‌ଫିଟ୍ ଭାବୁଛୁ! ତୋ'ଠୁ ଦି' ହଜାର ଫୁଟ୍ ଉପରକୁ ଯାଇ ଫେରିଛି। ଟି.ଭି ଶଟ୍ ଦେଖିନୁ? ଏନ୍.ଜି.ସି.ବି. ଲୋଡ କରି ନେଇଛି!

ବେଣୀର ଏତକ କଥା ମାନବକୁ ସମୁଦ୍ର ଗର୍ଜନ ଭଳି ଶୁଭିଲା। ସେ ବିଶ୍ୱାସ କରି ପାରିଲାନି। ଧୀରେ ଧୀରେ ଶାନ୍ତ ହେଇ ଆସିଲା ମନୁ। ଫୋନ୍‌ରେ କହିଲା: ଏଥର ତୋ' ପାଞ୍ଚଟଙ୍କା ତୋତେ ଫେରାଇ ଦେବି।

: ନା, ସେ ପାଞ୍ଚଟଙ୍କା ମୁଁ ଜୀବନରେ କେବେବି ନେବିନି। ପଚାଶ ଟଙ୍କା ଦେଲେ ନେବି। ପାଞ୍ଚଶ, ପାଞ୍ଚ ହଜାର ଦେଲେ ନେବି। ସେ ପାଞ୍ଚ ଟଙ୍କାଟା ହେଉଛି ଏବେ ମୋର ଶକ୍ତି! ପୂର୍ବରୁ ସେଇଟା ମୋର ଦୁର୍ବଳତା ଥିଲା। ନିଜ ଦୁର୍ବଳତା ବିରୁଦ୍ଧରେ ସଂଗ୍ରାମ କରୁକରୁ ମଣିଷ ବହୁତ କିଛି ଅତିକ୍ରମ କରିପାରେ, ଯାହା ବିଶ୍ୱାସ ହୁଏନି!

: ବ୍ରାଭୋ! କହିଲା ମନୁ ଓ ଫୋନ୍ ରଖିଦେଲା। ହଠାତ୍ ତା' ମୁହଁ ଉଜ୍ଜ୍ୱଳ ଦିଶିଲା।

ସେ ଜୋର୍‌ରେ ଡାକିଲା: ବୋଉ! ଶୀଘ୍ର ଆ!

ଶାରଦାଦେବୀ ତରତର ହେଇ ମନୁ ପାଖକୁ ଧାଇଁ ଆସିଲେ। ପ୍ରଶ୍ନ କଲେ

: କ'ଣ ହେଲା?


ମନୁ ଶାରଦାଙ୍କୁ ନେଇ ଚେୟାରରେ ବସାଇ ଦେଲା। ନିଜେ ତାଙ୍କ ପାଦ ପାଖରେ ବସିଲା। ନିଜ ପାଦ ତଳିପାରେ ହାତ ବୁଲାଇ କହିଲା: ବୋଉ! ବେଣୀ ଏବେ ଫୋନ୍‌ରେ କହିଲା ସେ କୋଡିଏ ହଜାର ଫୁଟ ଉପରକୁ ଚଢ଼ି ଫେରିଛି! ଶାରଦାଙ୍କର ମୁହଁ ଆଲୋକିତ ହୋଇଉଠିଲା। ସେ 'ବାଃ' କହିଲେ। ମନୁ ଶାରଦାଙ୍କ ପାଦ ଉପରେ ମୁଣ୍ଡ ଥୋଇ କହିଲା : ତୋତେ ତୋ'ର ଫ୍ଲାଟ୍ ପାଦ ପାଇଁ କେତେ ବିରକ୍ତ ହେଇଚି କହିଲୁ? କାନ୍ଦକାନ୍ଦ ହେଇ ଆସିଲା ସେ। ଶାରଦା ମନୁର ମୁଣ୍ଡ ଆଉଁଶିଦେଲେ। ମନୁର ମୁହଁ ଜ୍ୟୋତିର୍ମୟ ହେଇଉଠିଲା। ସେ କହିଲା: ଏଥର ମୁଁ ପଚିଶ ହଜାର ଫୁଟ ଚଢ଼ିବି, ଦେଖିବୁ, ଏ ଫ୍ଲାଟ୍ ଫୁଟ୍ ହିଁ ମୋତେ ନେଇଯିବ! ତା' ସାମ୍ନାରେ ଝଲଝଲ ଦିଶୁଥିଲା ପାଞ୍ଚଟଙ୍କା!

ଗାଳ୍ପ

# ମରୁଡ଼ି

**ଶରତ କୁମାର ରାଉତ**

ଚାରିଆଡ଼େ ହା ଅନ୍ନ ହା ଅନ୍ନ ଚିତ୍କାର। ଧାନଗଛ ରୁଆ ହେବାର ଦୁଇମାସ ବିତିଗଲାଣି। ଟୋପାଏ ବର୍ଷା ନାହିଁ। ଆକାଶରୁ ଅଗ୍ନିବର୍ଷଣ। ଧାନଗଛ ସବୁ ମରି ଶୁଖିଗଲାଣି। ବିଶ୍ୱାସ, ଧାନ ମିଳିବାର ଆଶା ନାହିଁ। ଗତ ୫୦ ବର୍ଷ ମଧ୍ୟରେ ଏପରି ଅନାବୃଷ୍ଟି ଓ ପ୍ରାକୃତିକ ବିପର୍ଯ୍ୟୟ କେବେ ଦେଖାଯାଇ ନ ଥିଲା କି ଲୋକେ ଭାତ ଗଣ୍ଡେ ପାଇଁ ଆର୍ତ୍ତ ଚିତ୍କାର କରି ନ ଥିଲେ। କାହାରି ମନରେ ଆନନ୍ଦ ନାହିଁ। ମରୁଡ଼ିର ଉତ୍ପାତ ଯେମିତି ସବୁରି ଭିତରେ ପଶି ଅଚଳ କରିଦେଇଛି ଚିନ୍ତା କରିବାର ଶକ୍ତି – ସାମର୍ଥ୍ୟ। ସମସ୍ତଙ୍କର ଇଚ୍ଛା ନିଜେ ବଞ୍ଚିବାକୁ। ମଣିଷ ଭିତରର ଭାବ, ସ୍ନେହ, ମମତା ସମ୍ପର୍କରେ ଭଙ୍ଗା ପଡ଼ିଯାଇଛି ଯେମିତି। ଏଇନେ ଛିଣ୍ଡା କତରା ଭିତରୁ ଜମ୍ବୁ ଆସିଯାଇଛି ଅତୀତର ଐଶ୍ୱର୍ଯ୍ୟ ମଧ୍ୟକୁ...



ଧରଣୀ ପୃଷ୍ଠ ଶସ୍ୟଶ୍ୟାମଳା ହୁଏ। ଚାଷୀଙ୍କ ମନରେ ହସ ଫୁଟେ। ପୂଜା-ଯାତରା ଜାକଜମକରେ ହୁଏ। ପର୍ବପର୍ବାଣିରେ ସମସ୍ତେ ଆନନ୍ଦ ବିଭୋର। ଲୋକଙ୍କ ଭିତରେ ଆନନ୍ଦ-ଉଦ୍ଦୀପନା ଓ ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟ। ଖିଆପିଆ, ଦିଆନିଆର ଅଭାବ ନାହିଁ। ସମସ୍ତେ ଏକ ପ୍ରକାରର ସ୍ୱର୍ଗସୁଖ ଅନୁଭବ କରନ୍ତି। ଧାନଚାଷରୁ ଢେର୍ ଅମଳ ମିଳେ। ୫୦ ବର୍ଷ ବୟସ୍କ ଜମ୍ବୁ ୩୦ ଏକର ଜମିର ମାଲିକ। ଘରେ ତିନି ଚାରି ଚାକର। ଏ ପର୍ଯ୍ୟନ୍ତ ସାନ ଦୁଇଭାଇ ଜମ୍ବୁର ଅନୁଗତ। ଭାଇ-ଭାଇ ମଧ୍ୟରେ ଘନିଷ୍ଠ ଅନ୍ତରଙ୍ଗତା।

ଏଇ ଗଲା ଭାଦ୍ରବ ମାସରେ ଧାନରୁଆ ପରେପରେ ହଠାତ୍ ବର୍ଷା ବନ୍ଦ ହୋଇଯାଇଛି। ବିଲରେ ପାଣି ନାହିଁ। ୯୫ ଭାଗ ଧାନଗଛ ମରିଗଲାଣି। ଦୁର୍ଗାପୂଜାର ଉଦ୍ଦୀପନାରେ ଭଙ୍ଗା ପଡ଼ିଯାଇଛି। ଭଙ୍ଗା ସୃଷ୍ଟି ହୋଇଛି ମଧ୍ୟ ଜମ୍ବୁ ମନରେ। ତେବେ ଦୀପାବଳି ପରେ ବର୍ଷା ଦି' ଅସରା ହୋଇଯିବାରୁ ୫ ଭାଗ ଫସଲ ବଞ୍ଚିଯାଇଛି। ଜମ୍ବୁ ଟିକେ ଥୟ ଧରିଛି। କେବଳ ଧାନ ଫସଲ ଉପରେ ନିର୍ଭର କରୁଥିବା ଏହି ପରିବାରକୁ ଅଭାବ ପଡ଼ିବା ସ୍ୱାଭାବିକ। ଏଥିପାଇଁ କଳି ଝଗଡ଼ା-ମନାନ୍ତରରୁ ଉଠିଥିଲା ଭିନ୍ନ ପ୍ରସଙ୍ଗ।

ଜମି ୧୧ ଏକରକୁ ମଝିଆଁ ପୁଅର ସରକାରୀ ଚାକିରି। ବଡ଼ପୁଅର ଦୋକାନ, ଜମ୍ବୁ ମନରେ ଅନେକ ସ୍ୱପ୍ନ।

କିନ୍ତୁ ଆଜି ସବୁ ଓଲଟପାଲଟ। ଜମ୍ବୁର ସ୍ୱପ୍ନ ଧୂଳିସାତ୍ ହୋଇଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ଲାଗିରହିଛି ୧୫ ବର୍ଷ ତଳୁ। ମଝିଆଁ ପୁଅ ନିଜ ପିଲାପିଲିଙ୍କ ଭବିଷ୍ୟତ ଦେଖୁଛି। ପ୍ରତିବର୍ଷ ବିକା ଚାଲିଛି ଜମି। ଜମ୍ବୁ ଏବେ ଖାଲି ବକର ବକର ହେଉଛି।

୫ ବର୍ଷ ହେବ ପୁଅମାନେ ଭିନ୍ନେ। ଜମ୍ବୁ ସାନପୁଅ ପାଖେ ଓ ବୁଢ଼ୀ ବଡ଼ ପୁଅ ପାଖରେ। ବାପା ମା'ଙ୍କ ଖୋରାକି ପାଇଁ ମଝିଆଁ ପୁଅ କିଛିକିଛି ଦିଏ। ତେବେ ପୁଅମାନଙ୍କର ଭାଗ ଜମି ମାତ୍ର ୨ ଏକର ଲେଖାଏଁ।

ଏବେ ଜମ୍ବୁର ଶେଷ ଅବସ୍ଥା ପ୍ରାୟ। ୮୨ ବର୍ଷର ହାଡ଼କଙ୍କାଳଯୁକ୍ତ ନିଷ୍କ୍ରିୟ ବୁଢ଼ାକୁ ଆଉ କ'ଣ କୁହାଯାଇପାରେ। ୟା' ଭିତରେ ବଡ଼ପୁଅର ଏକମାତ୍ର ପୁଅ ବାହା ହେଇସାରିଛି। ସେ ଅଧିକ ଖଟି ନ ପାରିଲେ ବି ମନ ଦେଇ ଘର କାମ କରେ। ସାନପୁଅର ୫ଟି ଝିଅ। ୨ ଝିଅ ବିବାହିତା। ମଝିଆଁର ଗୋଟିଏ ପୁଅ ଓ ୨ ଝିଅ।

ସ୍ୱାଭାବିକ ଭାବେ ଧାନରୁଆ ପୂର୍ବରୁ ଧାନ ସରିଯାଏ। ଗାଁ ମହାଜନ ପାଖରୁ ୧୦ ଟଙ୍କିଆ ସୁଧରେ, ପୁଣି ବହୁ ଉଚ୍ଚ ଦାମ୍‌ରେ ଧାନ କି ଟଙ୍କା ଆଣନ୍ତି। କିନ୍ତୁ ଏବେ ଅବସ୍ଥା ଦେଖି ମହାଜନ ଦେବାକୁ ନାରାଜ। ସହଜେ ଗଲାବର୍ଷ ମରୁଡ଼ି ଯୋଗୁ ଅଧା ଫସଲ ନଷ୍ଟ ହୋଇଥିଲା। ଏବେ ଉତ୍କଟ ମରୁଡ଼ି, ଲୋକେ ପୋକମାଛି ଭଳି ମରିବାର ସମ୍ଭାବନା ରହିଛି। କଅଣ କେତେବେଳେ ହେବ, ହାତରୁ ଟଙ୍କା କି ଧାନ ଚାଉଳ ଛାଡ଼ନ୍ତେ କିପରି। ହା ହତାଶା ଭିତରେ ସମସ୍ତେ। ଉପାୟହୀନ। ମାନସମ୍ମାନକୁ ପଛ କରି ସାନ ପୁଅ ପଳେଇଛି ପାଖ ସହରକୁ ପଥର କାମ କରିବା ପାଇଁ। ବଡ଼ପୁଅ ଓ ନାତି ମଧ୍ୟ ପଳେଇଛନ୍ତି ପାରାଦୀପ।

ନାତୁଣୀବୋହୂ ସଞ୍ଜୁ ଅଲଣା-ଅମିଠା ନାଲି ଚା ଟୋପାକ କରିଛି। ବୁଢ଼ାର ଆଶା ଉଙ୍କୁଛି ସେହି ଚା ଟୋପାକ ପାଇଁ। ସାରା ଜୀବନ ଯିଏ ଦୁଧ ଦହିରେ ଭାସୁଥିଲା, ଆଜି ଯେମିତି ସିଏ ନାଲି ଚା ଟୋପେ ପିଇଲେ ସତେଜ ହୋଇ ଉଠିବ ଆଉ ମେଣ୍ଟିଯିବ ଭୋକ ବୋଲି ତା' ମୁହଁର ଭାବରୁ ସ୍ପଷ୍ଟ ହେଉଥିଲା... ଘରେ କିଛି ନାହିଁ। ଦି' ଦିନ ହେବ ଅଳ୍ପ ଅଟାଭଜା ଓ ଶାଗ ଶିଝା ଖାଇଛି। ବିଚରା ବୁଢ଼ାଟା ଆଉ ଭୋକ ସମ୍ଭାଳି ପାରୁନି।

ଚାରିମାସ ହେଲାଣି ବ୍ଲକରୁ କର୍ମଚାରୀମାନେ ଆସି ବୁଢ଼ାର ବାର୍ଦ୍ଧକ୍ୟ ଭତ୍ତା ମିଳିବ ବୋଲି କାଗଜପତ୍ରରେ ଲେଖିଲାଖି ନେଲେ। କହୁଥିଲେ ମାସେ ଭିତରେ ହୋଇଯିବ। ଏଯାଏ କାହାରି ସ୍ୱରଶବ୍ଦ ନାହିଁ। ଛଅ ବର୍ଷ ତଳୁ ଚେଷ୍ଟା କରି ମଧ୍ୟ ଏହି ପରିବାର ବିପିଏଲ୍ ତାଲିକାଭୁକ୍ତ ହୋଇ ପାରିଲା ନାହିଁ। ଆପତ୍ତି କରିବାକୁ ବି ଶକ୍ତି ନାହିଁ।

'ଚା... ଟୋପେ... ଦେ... ସଞ୍ଜୁ...!' ପୁନଶ୍ଚ ବୁଢ଼ାର ଅସ୍ପଷ୍ଟ ସ୍ୱରରେ କରୁଣ ଅଭିଳାଷ। ଏହି ଭାବରେ ତରଳି ଯିବ ପୃଥିବୀ, ଫାଟିଯିବ ଆକାଶ, ଛିଞ୍ଚି ହୋଇ ପଡ଼ିବ ବର୍ଷା! ... କିନ୍ତୁ ସବୁ ସ୍ୱାଭାବିକ। ତିର୍ଯ୍ୟକ୍ ପ୍ରଖର ସୂର୍ଯ୍ୟଙ୍କର ଲେଲିହାନ୍ ଶିଖାରେ ଜଳୁଛି ପୃଥିବୀ।

''ଜେଜେବାପା- ଏଇ ନିଅ ଚା...। ପାରାଦୀପରୁ ଟଙ୍କା ପଠେଇଛନ୍ତି ତମ ପୁଅ ଆଉ ନାତି। ମୁଁ ଏଇନେ ଯିବି ଦୋକାନ। ଚାଉଳ ଆଣିଲେ ରାନ୍ଧିବି। ଏଇ ଘଣ୍ଟାଏ ଭିତରେ ଖାଇବ। କି ତରକାରି କରିବି କହୁନ?'' ଭାରି ଅନ୍ତରଙ୍ଗତା ଆଉ ମର୍ମସ୍ପର୍ଶୀ ସଞ୍ଜୁର ଆଶ୍ୱାସନା। କିନ୍ତୁ ଜମ୍ବୁ ମୁହଁରେ କୌଣସି ଉତ୍ତର ନାହିଁ। କ'ଣ ହୋଇଛି ତା'ର କେଜାଣି!

ମୁହୂର୍ତ୍ତକ ମଧ୍ୟରେ ରୁଣ୍ଡ ହୋଇଗଲେ ଗାଁ ଲୋକେ। ନୀରବତା ଛାଇଗଲା ସମସ୍ତଙ୍କ ଭିତରେ।

**– କୋରିଆପଲ୍ଲା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**

---

ବ୍ୟଙ୍ଗ ଗଳ୍ପ

# ଫୁଲ୍ ବିନ୍‌ଦାସ୍ !

**ରାଧାଶ୍ୟାମ ରାଉଳ**

ଚେୟାରଟିଏ ପରିତ୍ୟକ୍ତ ହୋଇ ପଡ଼ିରହିଥିଲା ଅଫିସର ଷ୍ଟୋର୍ ରୁମ୍ ଆଗରେ। ଚେୟାର ମନରେ ଚରମ ଅବସୋସ ରହିଥିଲା, ''ହାୟ ମୋ' ଭାଗ୍ୟ! ଅବି କେହି ମୋର ମୂଲ ବୁଝୁନାହାନ୍ତି। ଯିଏ ବୁଝୁଥିଲେ, ସେ ଆଉ ନାହାନ୍ତି। ଦେହାନ୍ତ ହୋଇଯାଇଛି ତାଙ୍କର। ଆଉ କେହି କ'ଣ ସମର୍ଥ ମଣିଷ / ପ୍ରତିଭାବାନ୍ ପୁରୁଷ ମିଳିବେ ନାହିଁ ଯିଏ ମୋ' ଉପରେ ବସି ଅୟସ କରିବ, କାମ ନ କରି କର୍ମୀ ବୋଲାଇବ, ବାହାଦୁରିଆ ହୋଇ ବିଜ୍ଞ ବୋଲାଇବ, ବିଶୃଙ୍ଖଳିତ ହୋଇ ଶୃଙ୍ଖଳିତ, ଦିମାକିଆ ହୋଇ ଦୟାବାନ୍, ମତଲବୀ ହୋଇ ମହାନ୍ ବୋଲାଇବ!''

ଏମିତି କିଛି ଦିନ ଗତ ହୁଅନ୍ତେ, ହଠାତ୍ ଦିନେ ଚେୟାର୍‌ର ଭାଗ୍ୟାକାଶରେ ପୂନେଇଁ ଚାନ୍ଦ ଉଇଁଲା। ଅଫିସ୍‌ରେ ମାସ୍ ଚେୟାର୍ ବୁଣାବୁଣି ଏବଂ ମରାମତି କାର୍ଯ୍ୟ ଭିତରେ ଏଇ ଚେୟାର୍‌ଟିର ମଧ୍ୟ ମରାମତି ଓ ବୁଣା କାର୍ଯ୍ୟ ସଂପନ୍ନ ହୋଇଗଲା। ତା' ଉପରେ ପଲିସ୍ କରି ରଙ୍ଗ ଦେଇଦେବାରୁ ଔଜ୍ଜ୍ୱଲ୍ୟ ଉକୁଟିଲା ତା' ଦିହରୁ। ଯେକେହି ଚେୟାରପ୍ରେମୀଙ୍କର ଆଖି ଲାଖି ହୋଇଯିବା ଭଳିଆ ଚେହେରା ବାଗେଇଗଲା ଚେୟାର୍‌ଟିର।

ସଂଯୋଗବଶତଃ ଉକ୍ତ ଚେୟାର ଉପରେ ଆଖି ଲାଖିଗଲା କାତ୍ରୁମର୍ଦ୍ଦନ ଅଫିସର୍ ଶଙ୍କରାନନ୍ଦ ସାହୁ ଓରଫ ଶଙ୍କରା ବାବୁଙ୍କର। ତହୁଁ ତା' ପ୍ରେମରେ ପଡ଼ିଯାଇ ମନେମନେ ପାଞ୍ଚିଲେ ସେ- ''ଅୟେ, ୟା' ଉପରେ ଉପବିଷ୍ଟ ହୋଇ ଶଙ୍କରାରୁ ମୁଁ ଅଲ୍‌ବତ୍ ଶଙ୍କରାଚାର୍ଯ୍ୟ ବନିଯିବି। ହାଃ ହାଃ ହାଃ।''

ଅତଃପର ଅଫିସ୍‌ରେ ପୁରୁଣା, ଭଙ୍ଗାତୁଟା ଚେୟାର୍, ଟେବୁଲ୍, ର୍ୟାକ୍, ଆଲ୍‌ମିରା ଇତ୍ୟାଦିର ମରାମତି କାର୍ଯ୍ୟ ତଦାରଖ କରୁଥିବା ରଙ୍କନିଧି ବାବୁଙ୍କୁ ଶଙ୍କରାବାବୁ ପ୍ରସ୍ତାବ ଦେଲେ, ''ଦେଖ ରଙ୍କବାବୁ ୟା'ର ଆକର୍ଷଣରେ ମୁଁ ବିଶେଷ ଭାବରେ ଆକର୍ଷିତ ଏବଂ ଆହ୍ଲାଦିତ ହୋଇଅଛି। ତେଣୁ ୟା'କୁ ମୋ' ପାଖକୁ ପଠେଇବାର ବ୍ୟବସ୍ଥା କରି ମୁଁ ବସୁଥିବା ପୁରୁଣାଟିକୁ ସେଠାରୁ ନେଇଯାଆନ୍ତୁ। ଓକେ?''

ଶଙ୍କରାବାବୁଙ୍କ କଥାକୁ ଟାଳି ନ ପାରି ରଙ୍କନିଧିବାବୁ ତାହାହିଁ କଲେ। ନୂଆ ଚେୟାରକୁ ମୁନିବ ଭଲ ପାଇବାର ଦେଖି ପୁରୁଣା ଚେୟାର ଦୁଃଖ କଷ୍ଟ ସହି ନ ପାରି ଅଚିରାତ୍ ସେ ସ୍ଥାନ ପରିତ୍ୟାଗ କରିବାକୁ ଉଚିତ ମଣିଲା। ନୂଆ ଚେୟାର ଉପରେ ଆସୀନ ହେବା ପୂର୍ବରୁ ଶଙ୍କରାବାବୁ ଶୁଭକର୍ମ ପାଇଁ ଧୂପ ଜଳେଇଲେ, ସିନ୍ଦୂର ଟିକିଏ ଲଗେଇ ଦେଲେ ଚେୟାର ଦିହରେ। ଗେଣ୍ଡୁଫୁଲ ଚାରି ଛଅଟିକୁ ଛିଣ୍ଡେଇ ବୁଣିଦେଲେ ଚେୟାର ଉପରେ।

ଶଙ୍କରାବାବୁଙ୍କର ଏତାଦୃଶ ମନୋହର କାର୍ଯ୍ୟକୁ ପାଖରେ ଛିଡ଼ା ହୋଇଥିବା କିଛି କର୍ମଚାରୀ ଓରଫ ଦେଖଣାହାରି ଉପଭୋଗ କରି ଉଚ୍ଛ୍ୱସିତ କରତାଳି ମାରିଲେ। ଶଙ୍କରାବାବୁ ଏହା ଦ୍ୱାରା ଅତ୍ୟନ୍ତ ପ୍ରୀତ ହୋଇ ପିଅନ ନେତ୍ରାନନ୍ଦଙ୍କୁ ନିର୍ଦ୍ଦେଶ ଦେଲେ, 'ବସ୍ ଯାଅ, କ୍ୟାଣ୍ଟିନ୍‌ରୁ ରସଗୋଲା ଆଣି ସମସ୍ତଙ୍କୁ ବାଣ୍ଟି ଦିଅ।' ରସଗୋଲା ଖାଇ ବନ୍ଧୁମାନେ ଖୁସ୍। ଚେୟାର ଉପରେ ସଦର୍ପେ ବସିଲେ ଶଙ୍କରାବାବୁ। ତାଙ୍କ ନିର୍ଦ୍ଦେଶରେ ପାଖ ଷ୍ଟୁଡିଓରୁ ଆସିଥିବା କ୍ୟାମେରାମ୍ୟାନ୍ ଚଟାପଟ୍ ତାଙ୍କର ଯୋଡ଼ିଏ ଚୋଖା ସ୍ନାପ୍ ନେଇଗଲା। ଅତଃପର ଆରମ୍ଭ ହୋଇଗଲା ସ୍ତାବକମାନଙ୍କର ସ୍ତବଗାନ। କିଏ କହିଲା, ''ହେଇଟି ସାର୍, ଏ ଚେୟାର ଉପରେ ଆପଣ ବସିବାମାତ୍ରେ ଆପଣଙ୍କ ବୟସ ପାଖାପାଖି କୋଡ଼ିଏ ବର୍ଷ କମିଯାଇଛି।'' ଆଉ କିଏ ଟିପ୍ପଣୀ ଦେଲା, ''ଆରେ ବାଃ, ଆପଣ ତ ବାଦଶାହା ପରି ଲାଗୁଛନ୍ତି! ଦ୍ୱିତୀୟ ଶାହାଜାହାନ୍! ହାଃ ହାଃ ହାଃ।'' ଭିଡ଼ ଭିତରୁ ଆଉ ଜଣେ କର୍ମଚାରୀ କହିଲେ- ''ଯାହା କହନ୍ତୁ ସାର୍, ରିଟାୟାରମେଣ୍ଟ ପରେ ମଧ୍ୟ ଆପଣ ଏ ଚେୟାର୍‌ର ହକ୍‌ଦାର ହେବେ। ଏମିତି ବ୍ୟବସ୍ଥା କରିଦିଆଯିବ ଯେ, ରିଟାୟାରମେଣ୍ଟ ପୂର୍ବଦିନ ଏ ଚେୟାର୍‌କୁ ଏଠାରୁ ଗାଏବ କରାଯାଇ ସିଧା ଆପଣଙ୍କ ଘରେ ପହଞ୍ଚାଇ ଦିଆଯିବ। ଚାକିରିର ଶେଷ ଦିନ ସମସ୍ତେ ଆପଣଙ୍କ ପ୍ରତି ଦରଦୀ ଥିବାସ୍ଥଳେ ଚେୟାର୍ ଗାଏବ ସଂକ୍ରାନ୍ତରେ କିଏ ଲକ୍ଷ୍ୟ କରିବ ଯେ! ଇଆଡୁ ଫୁଲତୋଡ଼ା ଆଉ ଉପହାର ନେଇ ବିଷଣ୍ଣ ମନରେ ଘରେ ପହଞ୍ଚିବା ପରେ ସିଆଡ଼େ ଆପଣଙ୍କ ଅପେକ୍ଷାରେ ଅପେକ୍ଷାରତ ଚେୟାର ଉପରେ ବସି ପଡ଼ିବାମାତ୍ରେ ଆପଣ ଫୁଲ୍ ରିଲାକ୍ସଡ୍ ହୋଇଯିବେ।''

ଶଙ୍କରାବାବୁଙ୍କ ମନକୁ ଏ ପ୍ରସ୍ତାବଟି ପାଇଲା କି କ'ଣ, ଓଠ ଚାପିଚାପି ଥୋଡ଼େ ମୁରୁକୁନ୍ଦିଆ ହସ ହସି ପକେଇଲେ।

ଜନୈକ କର୍ମଚାରୀ ଅତ୍ୟନ୍ତ ଉତ୍ସାହର ସହ ଶଙ୍କରାବାବୁଙ୍କୁ ପ୍ରଶ୍ନ କଲେ, ''ଆଜ୍ଞା, ଏ ଚେୟାର ଉପରେ ବସିବାମାତ୍ରେ ଆପଣଙ୍କୁ କେମିତି ଲାଗୁଛି?'' ଦିମାକିଆ ଠାଣିରେ ଶଙ୍କରାବାବୁ କହିଲେ, ''ବୋଲେ ତ, ଫୁଲ୍ ବିନ୍‌ଦାସ୍!''

ଦେଖଣାହାରିଙ୍କ ମେଳରୁ ମିଳିତ ରାବ ଉଠିଲା, ''ହାଃ, ହାଃ, ହାଃ।''

**–ଡୁପ୍ଲେକ୍ସ: ୧୦ (ବି), ବୀମା ବିହାର, ମର୍କତନଗର, ସେକ୍ଟର-୬, କଟକ**




# କାଲି ରାତିରେ

**ଡ. ବିନୋଦିନୀ ପାତ୍ର**

କାଲି ରାତିରେ
ଏକସଙ୍ଗେ ବାଜିଉଠିଲା
ନୂପୁର, ସତେକି
ଷୋଳ ସହସ୍ର ଗୋପୀଙ୍କ ପାଦର
ଏକ ଅନୁପମ ଛନ୍ଦରେ
କାଲି ରାତିରେ ।

ବାରମ୍ବାର ଚମକୁଥିଲା ଆକାଶ
ମେଞ୍ଚାମେଞ୍ଚା ତୂଳା ପରି
ନେଛାନେଛା ଫୁଟା ମଲ୍ଲୀ ପରି
ଚହକୁ ଥିଲା କାଦମ୍ବିନୀ
ଆକାଶର ଏମୁଣ୍ଡୁ ସେମୁଣ୍ଡ,
ଚହଟୁଥିଲା ନୃତ୍ୟାଙ୍ଗନାଙ୍କ ସର୍ବାଙ୍ଗ ।

କାଲି ରାତିରେ
ଆସିଥିଲେ ବହୁ ପ୍ରତୀକ୍ଷିତ ସେମାନେ
ଦଳବଦ୍ଧ ଭାବେ ।
ଅପୂର୍ବ ଧୂପ ବାସ୍ନାରେ,
ଚନ୍ଦନ ଚର୍ଚ୍ଚିତ କରିଥିଲେ
ମାଟିର ଅବୟବ
ହେବ ବୋଲି ସେ ସବୁଜ ସୁନ୍ଦର,
ଫଳପୁଷ୍ପରେ ପୁଷ୍କଳ,
ଶସ୍ୟ ପର୍ଣ୍ଣରେ ଶ୍ୟାମଳ ।

କାଲି ରାତିରେ ସେମାନେ
ରଚିଥିଲେ ସମବେତ ନୃତ୍ୟ
ବଜାଇଥିଲେ ଗୁରୁଗୁରୁ ବାଦ୍ୟ,
ହୁଳହୁଳି ଦେଇଥିଲେ
ପକ୍ଷୀଙ୍କର କିଚିରିମିଚିରି କଣ୍ଠରେ
ଅଚାନକ, କାଲି ରାତିରେ ।

ବହୁଦିନୁ ପିପାସିତ
ଏ ମାଟିର ବକ୍ଷ
ପାଇଥିଲା ଆକାଶ ଓଠରୁ ଅମୃତ,
ଡହଡହ ଖରାର
ଅଦଉତିରୁ ମୁକୁଳି
ହେଇ ଉଠିଥିଲା ରୋମାଞ୍ଚିତ,
ଶୀତ ଶିହରିତ ।

କାଲି ରାତିରେ
ସଭିଙ୍କର ହୃଦ କନ୍ଦରରେ
ସେମାନେ ସୃଜିଥିଲେ
ଏକ ଅନନ୍ୟ ଅନୁଭବ,
ଅନୁପମ ଆଶ୍ୱସ୍ତିର ଆବାହନରେ
ଗୁଞ୍ଜରି ଉଠିଥିଲା,
ଅସୀମ ଆନନ୍ଦ ।

କାଲି ରାତିରେ
ରଜସ୍ୱଳା ହେଲା ପୁଣି ଥରେ
ଏ ଧରିତ୍ରୀ
ହଁ, କାଲି ରାତିରେ ।

-୨ ଶ୍ରୀଟାୱାରସ୍, ବିଜେବି ନଗର,
ଫ୍ଲାଟ୍-୧୧, ଭୁବନେଶ୍ୱର-୧୪

# କାଂଧଗାମୁଛା

**ହୃଦାନଂଦ ପାଣିଗ୍ରାହୀ**

ମନେପଡ଼ିଯାଏ ମା'ର କଥାପଦେ,
'ଏକକାନିଆ ହେଇ କେହି କେବେ
ବାହାରନ୍ତିନି କୁଆଡ଼େ ।'

ବାପା ଯୁଆଡ଼େ ଗଲେ
ତାଙ୍କ କାଂଧରେ ପଡ଼ିଥାଏ ଗାମୁଛା ଖଣ୍ଡକ,
ଦୁଃଖର ଖରା ବାଟକୁ
ତା' କରାମତି ସବୁଠୁଁ ଅଧିକ ।

ଗାମୁଛା ତା' ହାତ ପାପୁଲିରେ ପୋଛିନିଏ
କପାଳର କଳାକାଣ୍ଟି
ଯେତେସବୁ ଧୂଳିମଳି
ଦୁଃସ୍ୱପ୍ନର ଦାଗ,
ଗଢ଼ିଦିଏ ନୂଆ ଆଶା
ଭରସା, ବିଶ୍ୱାସ
ସେ ଯୋଗୀ ହେଉ କି ଭୋଗୀ
ବେଳ, ଅବେଳରେ ଜିଣୁଥାଏ
ସବୁରି ମନ, ସବୁରି ହୃଦୟ ।

ରାଜଦ୍ୱାର, ଶ୍ମଶାନ କି ଭୋଜନ ବ୍ୟସନେ
ଦିବ୍ୟ ସରାଗଟିଏ ହେଇଥାଏ ପାଖେପାଖେ,
ଛାଇ ହେଇ ସବୁଠି, ସବୁଠି ।

କେହିକେହି ରଙ୍ଗଗାମୁଛା କାଂଧରେ ପକେଇ
ଗାଁଦାଣ୍ଡରେ ବୁଲିଆସନ୍ତି ଘିରିଘିରି
ମୁଣ୍ଡଫଟା ଖରା କି ଢୁ ଢୁ ବର୍ଷାରେ
ସେ ସହାୟ, ସବୁରି ।

ସେଦିନ ବିଜ୍ଞାନୀ କୈବର୍ତ୍ତ
ପ୍ରଭୁଙ୍କର ପାଦ ଧୋଇ
ପୋଛି ଦେଇଥିଲା ଗାମୁଛାରେ
ପାଇଥିଲା ଜୀବନରେ ଅପୂର୍ବ ସାନ୍ନିଧ
କାଳର କପାଳରେ ଏବେ ବି ଯାଇନି ଲିଭି
ସେ ବିଭୋର ଭାବ
ମେଘମେଦୁର ବିରଳ ମୁହୂର୍ତ୍ତ ।

ମାଟିର ମଣିଷ କେବେ ଭୁଲିପାରିନି
ତା' ସମ୍ପର୍କ,
ତୁଟିପାରିନି ତା' ମମତା ସିନିହ
କେବେ କାଂଧରୁ ଗଲେ
ଆସେ ହିନସ୍ତାଯୋଗ
ଲାଗେ ଯେହ୍ନେ ଏ ଜୀବନ ହତଶିରୀ,
ଅଭାଗ୍ୟ, ଅଭାଗ୍ୟ ।

- ଅବସରପ୍ରାପ୍ତ ପ୍ରାଧାପକ
ଝାଡ଼ପଟା, ଦୋଳସାହି, ଭଦ୍ରକ-୭୫୬୧୨୭

# ଆସ ମୌସୁମୀ !

**ପ୍ରବୀର କୁମାର ଦାସ**

ବର୍ଷା ହେଇ ବାଣୀବିହାରକୁ ଆସ
ମେଘର ପଣତରେ ପୋଛିଦିଅ
ବାଣୀବିହାରର ମୁହଁ, ଆସ ମୌସୁମୀ !

ପାଣିଟାଙ୍କି, ଅଳକା ମାର୍କେଟ୍, ପରିଜା ଲାଇବ୍ରେରି
ଅଡିଟୋରିୟମ୍, ଷ୍ଟାଡିୟମ୍ ଉପରେ ଛିଞ୍ଚି ଦିଅ
ତୁମ ବିନ୍ଦୁବିନ୍ଦୁ ସ୍ନେହ
ତାଳପଦେଶ୍ୱରୀ ମନ୍ଦିର ଦେଇ
ଦୁଇ ହରିତ୍ ପ୍ରାନ୍ତକୁ ଯୋଡୁଥିବା ରାସ୍ତାରେ
ବୁହାଇଦିଅ ତୁମ ଭଲପାଇବାର ସୁଅ...
ବାତ୍ୟାରେ ଉଜୁଡ଼ା ଆମ୍ରକାନନ
ଅଧାଉପୁଡ଼ା ଦେବଦାରୁ, କୃଷ୍ଣଚୂଡ଼ା, କଦମ୍ବ,
ବଉଳ, ଆମ୍ବ, ପଣସ ଆଉ ନଡ଼ିଆ ଗଛର
ଛାତିରେ କାନ ଲଗେଇ ଶୁଣ ପ୍ରକୃତିର କୋହ
ଦମକାଏ ପବନରେ ପିଠି ଆପୁଡ଼ାଇ
ଧୋଇ ନିଅ ତାଙ୍କ ଆଖିଲୁହ...

ବାଣୀବିହାର ଯଦି କହିବ ତୁମକୁ
ଯାଅନା ଏତେ ଜଲ୍‌ଦି, ଟିକେ ରୁହ
ସଜୀବ, ସତେଜ ଆଉ ସବୁଜ
କରିଦିଅ ତାକୁ
ତା'ଠି ଜଡ଼େଇ ଧରି ତୁମ ବିଜୁଳି ପରି
ଚମକୁଥିବା ଚକ୍‌ଚକ୍ ଦେହ...

- ୨୭୬, ଶୁକବିହାର, ଭୁବନେଶ୍ୱର-୭୫୧୦୨୨

# ହେ ବର୍ଷା !

**ଡ. ଅବନୀ ପ୍ରଧାନ**

(୧)
ମତେ ଓଦାକର ଓଦାକର ହେ ବାରିଦ !
ବାରିଧର ! ଆହୁରି ଆହୁରି ଓଦାକର
ଭେଦେଇ ଦେ', ଭେଦେଇ ଦେ' ମନ ପ୍ରାଣ
ହେ ! ଅଭିନବ, ନବ ଜଳଧର !
ମୁଇଁ ତୃଷାର୍ତ୍ତ ଡାକେ
ଏ ଆର୍ତ୍ତ ଛାତିକୁ ଛୁଇଁନି ସ୍ପନ୍ଦନ ।

(୨)
ହେ ମୁଦିର ! ଚିର ଭାସ୍ୱର
ମତେ ପୁନଶ୍ଚ ପୁନଶ୍ଚ ଓଦାକର
ଚରାଚରରେ ପ୍ରାଣ ଜନ୍ମାଅ
କେତେ କ'ଣ ଟିକିଟିକି ମେଘ ଯେ !
ସଞ୍ଚାରୁ ରସଘନ ରୋମାଞ୍ଚ
ଫୁଟୁ ପାରିଜାତ ।

(୩)
ଆଷାଢ଼ କଥା ମୁଁ ଜାଣେନା ...
ଆସିବ କହି କୁଆଡ଼େ ବାଟ ହୁଡ଼ିଗଲା...
ଆସ, ଆସ, ବର୍ଷା !
ଫୁଟୁ କଦମ୍ବ, କେତକୀ, ମାଧବୀ ଓ ସେବତୀ
ଆମର ତ ପୁନଶ୍ଚ ପୁନଶ୍ଚ ବର୍ଷା ଲୋଡ଼ା
ହେ ବର୍ଷା ! ଆସ, ବର୍ଷି ଦେଇଯାଅ ।।

- ଭିଆଇପି ରୋଡ୍, ଭଦ୍ରକ-୭୫୬୧୦୦

# ଆଖି ମୁଦିଲେ ଚିତ୍ରଟେ ଦିଶେ...

**ଜୟଂତିକା**

ଆଖି ମୁଦିଲେ ଚିତ୍ରଟେ ଦିଶେ...
ତମେ ବସି ରହିଥାଅ ଆଖିମୁଦି ବିଲୋଳ ମୁଦ୍ରାରେ ।
ଚିତ୍ରଟି ଚେତନା ପାଲଟିଯାଏ ।

ଦୁଃଖ ହତାଶା ଭିତରେ ବୁଡିଗଲା ବେଳେ,
କ୍ରୂର କଟୂକ୍ତିରେ କା'ର ଚିରିଗଲାବେଳେ ହୃଦୟ
ତମେ ଉତ୍ତର ହୋଇ ଠିଆହୁଅ ସାମ୍‌ନାରେ ।
ଉହୁଙ୍କା ହାତ ଫେରିଆସେ,
ଉତୁରି ଆସୁଥିବା ବାକ୍ୟବାଣ ପେଡ଼ିରେ ପଶିଯାଏ
ମୋଡ଼ିମୋଡ଼ି ହୋଇ,
ଥଣ୍ଡା ପଡ଼ିଯାଇଥାଏ ନାକ କାନରୁ ବାହାରି ଆସୁଥିବା
ଗରମ ନିଃଶ୍ୱାସ ।

ଆଖି ଖୋଲିଲା ବେଳକୁ,
ଛାଇଟିଏ ଠିଆ ହୋଇଥାଏ ଦେହକୁ ଲାଗି
ଅଦୃଶ୍ୟ ଉପସ୍ଥିତି ଯା'ର ଅନୁଭବ କରିହୁଏ
ହୃଦୟ ଭିତରେ ।
କଥାଟି ବୁଝିହୁଏ, ବୁଝେଇ ହୁଏନା,
କୋଷ କୋଷରେ ଭରିଯାଉଥାଏ ଅହିଂସାର ଅମ୍ଳଜାନ,
ଆତ୍ମଶୁଦ୍ଧିର ଅମ୍ଳାନ ବାସ୍ନା
ସଞ୍ଚରି ଯାଉଥାଏ ଦେହ ମୁଣ୍ଡରେ ।

ଫୁଲ ଫୁଟେ ଫୁଲ ଝରେ, ଗାଉଥାଏ ପକ୍ଷୀ,
ଋତୁମାନେ ବଦଳି ଯାଉଥାନ୍ତି ଯେଝା ବାଗରେ
ପର୍ବତମାନେ ବାଣ୍ଟି ଦେଉଥାନ୍ତି ଜୀବନାମୃତ,
ହସି ଉଠୁଥାଏ ଜୀବନ
ଅସତ୍ୟ, ଅନ୍ଧକାର ମୃତ୍ୟୁ ସବୁକୁ କୋଳେଇନେଇ
ନିରାଶା ଭିତରେ ଆଶାର ଇନ୍ଦ୍ରଧନୁ ହୋଇ ।

ଆଖି ମୁଦିଲେ ଚିତ୍ରଟେ ଦିଶେ...

- ଜେକେବିକେ କଲେଜ, କଟକ




# ଛାପା ଅକ୍ଷରରେ ନିଜ ଲେଖା ଦେଖି କୁଣ୍ଢେମୋଟ ହୋଇ ଯାଇଥିଲା ମନ...



ତ୍ରିଲୋଚନ ଦାସ

**ତ୍ରିଲୋଚନ ଦାସଙ୍କ ଜନ୍ମ ୧୯୭୩ରେ, ଶ୍ରୀବିହାର ଖୋର୍ଦ୍ଧାରେ। ପେସା ତାଙ୍କର ହାଇସ୍କୁଲରେ ଶିକ୍ଷକତା, ହେଲେ ନିଶା କବିତା। ଗଳ୍ପ ବି ଲେଖନ୍ତି ଅବକାଶ ଦେଖି। ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ପତ୍ରପତ୍ରିକାରେ ତାଙ୍କର ଲେଖା ସ୍ଥାନିତ। ପ୍ରକାଶିତ ଗୀତି-କବିତା ସଂକଳନ: 'ସଞ୍ଜ ନଇଁଗଲା ପରେ'।**


ଯଦିଓ ପିଲାଟି ଦିନରୁ ମୁଁ ଗଳ୍ପ ଓ କବିତା ପଢ଼ିବାରେ ରୁଚି ରଖୁଥିଲି, କିନ୍ତୁ ଆମ ଗାଁକୁ ଏତେ ଅଧିକ ସଂଖ୍ୟକ ପତ୍ରିକା ଆସୁ ନ ଥିଲା। ଆମ ଗାଁ ପାଟଳଦାରେ ରାଜା ବିକ୍ରମଦେବ ମ.ଇ. ବିଦ୍ୟାଳୟରେ ପଢୁଥିବା ସମୟରେ ସେଠାରେ ବହୁ ସଂଖ୍ୟକ ପାଠାଗାର ପୁସ୍ତକ ଗଚ୍ଛିତ ଥିଲା। ଉକ୍ତ ପୁସ୍ତକ ସବୁକୁ ପଢ଼ିବାରେ ଖୁବ୍ ଉତ୍କଣ୍ଠା ଥିଲା। ପ୍ରତି ଶନିବାର ଆମକୁ ଏହି ପୁସ୍ତକଗୁଡ଼ିକ ପଢ଼ିବାର ସୁଯୋଗ ମିଳୁଥିଲା। ଆମ ବିଦ୍ୟାଳୟର ଶିକ୍ଷକ ତଥା ମୋର ଆଦ୍ୟ ପ୍ରେରଣା ପର୍ଶୁରାମ ସ୍ୱାଇଁଙ୍କର ଅନେକ ଶିଶୁଗଳ୍ପ ଓ କବିତା ତାଙ୍କ ନିଜ ସ୍ୱରରେ ଆକାଶବାଣୀ କଟକ କେନ୍ଦ୍ରରୁ ବିଭିନ୍ନ ଶିଶୁ କାର୍ଯ୍ୟକ୍ରମରେ ପ୍ରସାରିତ ହୁଏ। ସାର୍‌ଙ୍କ ଗଳ୍ପ ଓ କବିତା ପ୍ରସାରଣ ସମୟରେ ରେଡିଓକୁ ବିଦ୍ୟାଳୟର ଖେଳପଡ଼ିଆ ମଝିରେ ବଜାଇ ଆମେ ସମସ୍ତ ପିଲା ସାର୍‌ଙ୍କ ସହିତ ତାଙ୍କ ଗଳ୍ପ ଓ କବିତା ଆବୃତ୍ତିକୁ ତାଙ୍କ ମୁହଁରୁ ଶୁଣୁଥିଲୁ। ତାହାହିଁ ଥିଲା ମୋତେ ସାହିତ୍ୟ ଆଡ଼କୁ ଟାଣିନେବାର ପ୍ରଥମ ସୋପାନ। ପରେ ପରେ ଶିଶୁଲେଖା ଟୁଉକୁମୂଷି, ବାନର ସେନା ଭଳି ପତ୍ରିକା ତଥା ବିଭିନ୍ନ ଖବରକାଗଜର ରବିବାର ସାହିତ୍ୟ ପୃଷ୍ଠା ମୋତେ କଲମ ଚଳାଇବାରେ ଅଭିପ୍ରେରିତ କରିଥିଲା। ଆକାଶବାଣୀ କଟକରୁ ବିଭିନ୍ନ ଶିଶୁ କାର୍ଯ୍ୟକ୍ରମ ତଥା ବୟସ ବଢ଼ିବା ସଙ୍ଗେ ସଙ୍ଗେ ଯୁବବାଣୀର ସୁଗମ ସଂଗୀତ, ପଲ୍ଲୀଗୀତ ଅତସୀକୁସୁମ ଭଳି କାର୍ଯ୍ୟକ୍ରମଗୁଡ଼ିକରୁ ଗୀତ ସବୁ ଶୁଣି ଲେଖାଲେଖି କରିବାର ଅବଦମିତ ଉତ୍କଣ୍ଠା ବହୁଗୁଣିତ ହୋଇଥିଲା। ମନ ଭିତରେ ଯଦି ଇଚ୍ଛା ଶକ୍ତି ଦୃଢ଼ ଥାଏ, ତେବେ ଯେକୌଣସି କାର୍ଯ୍ୟ ହାସଲ କରିବା ଆଦୌ ଅସମ୍ଭବ ନୁହେଁ। ଏଣୁ ମୁଁ ଏହିପରି ଭାବରେ ସାହିତ୍ୟ କ୍ଷେତ୍ରକୁ ଅଗ୍ରସର ହୋଇଥିଲି।

ନବମ କିମ୍ବା ଦଶମ ଶ୍ରେଣୀ (ଠିକ୍ ମନେପଡୁନି)ରେ ପଢୁଥିବା ସମୟରେ ଭୁବନେଶ୍ୱରର ଏକ ଖବରକାଗଜରେ ମୋର ପ୍ରଥମ ଶିଶୁଗଳ୍ପ 'ଦୟାର ଫଳ' ପ୍ରକାଶିତ ହୋଇଥିଲା। ସେଦିନ ମୋ' ନିଜ ଲେଖାକୁ ଛାପା ଅକ୍ଷରରେ ଦେଖି ମୋ' ମନ କୁଣ୍ଢେମୋଟ ହୋଇ ଯାଇଥିଲା। ସେଦିନର ସେଇ ମୁହୂର୍ତ୍ତର ଖୁସି ଆଜି ବି ଅଭୁଲା ହୋଇ ରହିଛି। କାରଣ ଏହା ହିଁ ଥିଲା ମୋ' ଜୀବନର ପ୍ରଥମ ପ୍ରକାଶିତ ଲେଖା।

## ପୁସ୍ତକ ପରିଚୟ

### ମାୟା ପୁରୁଷ


**ଲେଖିକା : ପାରମିତା ଶତପଥୀ**
**ପ୍ରକାଶକ : ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର-୧୨**
**ପ୍ରଥମ ପ୍ରକାଶ : ୨୦୧୮, ମୂଲ୍ୟ : ଟ.୧୩୦/-**




'ମାୟା ପୁରୁଷ' ପାରମିତାଙ୍କ ଲିଖିତ ଏପରି ଏକ ଉପନ୍ୟାସ, ଯହିଁରେ ସମକାଳୀନ ଜୀବନର ନାନା ରୋମାଞ୍ଚ ଓ ରୂପାନ୍ତର ଆଲିଙ୍ଗନବଦ୍ଧ ହୋଇଥା'ନ୍ତି। ନିଜ ବୃତ୍ତିଗତ ଜୀବନରୁ ସଂଗୃହୀତ ନାନା ଉପାଦାନ ତାଙ୍କ କଥନିକାର ଅନ୍ତର୍ବୃତ୍ତ ନିର୍ମାଣ କରନ୍ତି ଖୁବ୍ ସନ୍ତର୍ପଣରେ। ଶରୀରର ସତହଦରେ ଧରାଦେଉଥିବା ପାରମିତାଙ୍କ ପ୍ରେମଚେତନା ତାଙ୍କ ଉପନ୍ୟାସର ନାୟିକାନାୟକଙ୍କ ଭିତର ଦେଇ ଚମତ୍କାର ଏକ ସୂର୍ଯ୍ୟୋଦୟ ବା କେବେକେବେ ସୂର୍ଯ୍ୟାସ୍ତ ପରି ପାଠକର ମନଗହନରେ ବିମ୍ବିତ ହୁଏ। 'ମାୟା ପୁରୁଷ'ର ଭୂଗୋଳଟି ସହରର, ଇତିହାସଟି କର୍ପୋରେଟ୍ ଜଗତର। ଅରୁଣ ଦେଶାଇ ହୁଅନ୍ତୁ କି ବର୍ଣ୍ଣାଳୀ ଘୋଷ, ରୀନା, ରୁମା, ମନୋଜ- ଉପନ୍ୟାସର ଛୋଟବଡ଼ ପ୍ରତିଟି ଚରିତ୍ରର ଯେଉଁ ହେପାଜତ କରନ୍ତି ପାରମିତା, ତାହା ତାଙ୍କ ସୃଜନଶୀଳତାର ନିମଗ୍ନତାକୁ ସୂଚାଏ। ଆଉ ଉପନ୍ୟାସର ଭାଷା ? ଗଦ୍ୟର ଧୂସର ଗତିପଥରେ ଥାଇ ଥାଇ ଝରିଯାଉଥାଏ ଚିତ୍ରକଳ୍ପର ଛୋଟଛୋଟ ଝରଣା। ଯଥା: ''ଜୀବନ କ'ଣ ସତରେ ଏମିତି ଅକାରଣରେ ସଙ୍କୁଚିତ ହୋଇଯାଏ ? ଯେମିତି ଖୁବ୍ ବଡ଼ ସୁନ୍ଦର ଡ୍ରଇଂରୁମ୍‌ରେ ବିଛା ହେଇଥିବା ଗାଲିଚାକୁ କାଟିକୁଟି ଛୋଟିଆ କରିଦିଆଯାଏ କୌଣସି ଛୋଟ ବଖରାରେ ଖଟ ପାଖରେ ପଡ଼ିବା ପାଇଁ।''(ପୃ: ୧୨୩)। ଉପନ୍ୟାସଟି ସରିଯାଏ, କିନ୍ତୁ ପାଠକ ଚିତ୍ତରେ ଆରମ୍ଭରୁ ଗାର ଟାଣିଥିବା ସେଇ 'ମାଟିଆ ଚମଡ଼ାର ଡାଏରୀ'ଟି ସେମିତି ଅଲିଭା ରହିଯାଏ।

### ମହାସମୁଦ୍ର

**କବି: ଶମ୍ଭୁନାଥ ରାଉଳ**
**ପ୍ରକାଶକ: ଦେବଦୂତ ରାଉଳ ଓ ଅନୁପମା ରାଉଳ**
**ପ୍ରଥମ ପ୍ରକାଶ: ୨୦୧୯, ମୂଲ୍ୟ: ଟ.୧୯୯/-**




ମୋଟ ୧୨୦ଟି କବିତା ସ୍ଥାନିତ ବହିଟିରେ। ନିଜ କବିତା ରଚନା ସମ୍ପର୍କରେ କବି କହନ୍ତି: ''ଯାହା ମୋ' ହୃଦୟକୁ ସ୍ପର୍ଶ କରିଛି, ସେ ସବୁକୁ ଭାଷାରେ ରୂପ ଦେଇଛି।'' ବିଶିଷ୍ଟ ନାଟ୍ୟକାର ଓ ସମାଲୋଚକ ରମେଶ ଦାସ ମତ ଦେଇଛନ୍ତି: ''ମହାସମୁଦ୍ରର ଅଗଣିତ ତରଙ୍ଗ ବେଳାଭୂମିକୁ ସ୍ପର୍ଶ କଲା ଭଳି କବିଙ୍କ ଚେତନାକୁ ନାନାଦି ପ୍ରତିକ୍ରିୟା ନିବିଡ଼ ଭାବରେ ଆଲିଙ୍ଗନ କରିଛି, ଯାହାର ତର୍ଜମା କରୁକରୁ କବି ଚିତ୍ତ ନାନାଦି ପରିଭାଷା ଭିତରେ ଭାବାବେଗକୁ ଆବଦ୍ଧ କରିବାକୁ ଉନ୍ମୁଖ ହୋଇଛି।'' ଜୀବନର ଅସାରତାକୁ ଅତିକ୍ରମ କରି ପରମ ଭଗବତ୍ ସତ୍ତାରେ ଆତ୍ମାର ମୁକ୍ତି ସନ୍ଧାନ ମନେହୁଏ ଯେପରି ଗ୍ରନ୍ଥସ୍ଥ ଅଧିକାଂଶ କବିତାର ଭାବଭୂମି। କବିତାରେ କଳାଗତ ରୂପସୌଷ୍ଠବ ଯଦିଓ କବିଙ୍କର ଗଠନ ପଟୁତାର ଅପେକ୍ଷା ରଖେ, ତଥାପି ଜଣେ ଅନଭ୍ୟସ୍ତ କବିର ଲେଖନୀରୁ ଜୀବନର ଯେଉଁ ଗଭୀର ଅନୁଭବ ବହୁ କବିତାରେ ଧରାଦିଏ, ତାହା କିଛି କମ୍ ଉପଭୋଗ୍ୟ ନୁହେଁ। ଶମ୍ଭୁନାଥଯେ, ମରଣ-ଅନିଚ୍ଛୁ ଚିର ଯୌବନାକାଂକ୍ଷୀ କବି- ଏହା ତାଙ୍କ 'ଜୀବନର ରଙ୍ଗ' କବିତା ଉଦ୍‌ଘୋଷିତ କରେ।

### ଶକୁନ୍ତଳା

**କବି: ନୀଳମଣି ପରିଡ଼ା**
**ପ୍ରକାଶକ: ବିଜୟିନୀ ପବ୍ଲିକେଶନ୍ସ, କଟକ-୧୨**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ.୧୦୦/-**

ମୋଟ ୫୭ଟି କବିତା ସ୍ଥାନିତ 'ଶକୁନ୍ତଳା'ରେ, ଯହିଁରେ ୧୧ଟି ଭାଗରେ ପ୍ରକାଶ ପାଇଛି ଶୀର୍ଷକ କବିତା 'ଶକୁନ୍ତଳା'। 'ଶକୁନ୍ତଳା'ର ପ୍ରଥମ ପଂକ୍ତିଟି ଏହିପରି- ''ମେଘ ପରି ଆଖି ଢାଳିଦେଲା ଲୁହ/ଶକୁନ୍ତଳା ଆଖିର ଲୁହରେ/ସୂର୍ଯ୍ୟ ଚନ୍ଦ୍ର ଉଦୟ ଅସ୍ତ/ଛୋଟ ଛୋଟ କାନ୍ଦଣାରେ/ ଫୁଟୁଥିଲେ ଗୀତି-କବିତା/ ମୁଁ ମଝିରେ ମଝିରେ କହୁଥାଏ/ କାନ୍ଦ ବନ୍ଦ କର''(ପୃ:୫୮)। ଏଥିରେ ପ୍ରଦତ୍ତ ଚିତ୍ର ଓ ବ୍ୟଞ୍ଜନା ଖାପ୍‌ଛଡ଼ା ଓ ବନ୍ଧନଗତ ଶିଥିଳତା ଯୋଗୁଁ ସଂଚାର-ପଙ୍ଗୁ। ବହିଟିର ବହୁ କବିତାରେ କବି ଏତେ ତରତରଯେ, ଯେଉଁଠି କବିତ୍ୱର ତୁଙ୍ଗିମା ଛୁଇଁଦେଲା ଭଳି ଦୂରତାରେ, ତାକୁ ସେ ହାତଛଡ଼ା କରି ବସନ୍ତି। ତେବେ ପ୍ରକୃତି, ଜୀବନର ଅଳୀକତା ସତ୍ତ୍ୱେ ବଞ୍ଚିବାର ମୋହ, ସମ ସମୟ ଓ ସମ ସମାଜର ଚିତ୍ର ଆଙ୍କିବାକୁ କବିଙ୍କଠାରେ ଯେଉଁ ଆତୁରତା ବିଦ୍ୟମାନ, ତାହା ପାଠିକାପାଠକଙ୍କ ଚିତ୍ତବୃତ୍ତିକୁ ଆକର୍ଷଣ କରିବାର ସମ୍ଭାବନା ରଖେ। ପ୍ରଫେସର ବୈଷ୍ଣବ ଚରଣ ସାମଲ ବହିଟିର କବିତା ସମ୍ପର୍କରେ ମତ ଦିଅନ୍ତି: ''ପ୍ରାୟ କବିତାଗୁଡ଼ିକରେ ନୀଳମଣି ଚାହିଁଛନ୍ତି ମଣିଷ-ମଣିଷ ମଧ୍ୟରେ ଭଲ ପାଇବାର ସମ୍ପର୍କକୁ ବୃଦ୍ଧି କରିବା। ସେ ମଧ୍ୟ ଚାହିଁଛନ୍ତି ଶାନ୍ତିର ବାତାବରଣ। x x ସେ ଖୋଜିଛନ୍ତି ମୂଲ୍ୟବୋଧକୁ, ମଣିଷପଣିଆକୁ। ଚାହିଁଛନ୍ତି ସମାଜବାଦ।''(ପୃ:୧୩)। ଏହା ସତ, କିନ୍ତୁ ଅନୁଭୂତି ଓ ଅଭିଳାଷକୁ କବିଟିଏ କେତେଦୂର କବିତା କରିପାରିଛି, ତାହା ଉପରେ ନିର୍ଭର କରେ ସେଇ କବିର କବିତ୍ୱର ମାନ। ଯଦି ଏ ପରୀକ୍ଷାରେ 'ଶକୁନ୍ତଳା' ଉତ୍ତୀର୍ଣ୍ଣ ହୁଏ, ତେବେ ନୀଳମଣିଙ୍କର ତାହା ହେବ ସବୁଠୁଁ ବଡ଼ ପ୍ରାପ୍ୟ।




### ବାଣୀବିହାର ଓ ଅନ୍ୟାନ୍ୟ କବିତା

**କବି: ଶତ୍ରୁଜିତ୍**
**ପ୍ରକାଶକ: ତୀରତରଙ୍ଗ, ଭୁବନେଶ୍ୱର-୨୪**
**ପ୍ରଥମ ପ୍ରକାଶ: ୨୦୧୯, ମୂଲ୍ୟ: ଟ.୫୦/-**




'ବାଣୀବିହାର'କୁ ନେଇ ୧୦ଟି କବିତା ସହ ଆଉ ୧୧ଟି ଗୀତି-କବିତାକୁ ନେଇ ପରିକଳ୍ପିତ ଆଲୋଚ୍ୟ କବିତାଗ୍ରନ୍ଥ। 'ବାଣୀବିହାର'କୁ ନେଇ ଯେଉଁ ପ୍ରଥମ କବିତା ଦୁଇଟି 'ବାଣୀବିହାରରେ ପ୍ରଥମ ଦିନ' ଓ 'କ୍ୟାମ୍ପସ୍‌ରେ ମର୍ଣ୍ଣିଂୱାକ୍' କବି-ରଚିତ, ତାହା ସେପରି କୌଣସି କାବ୍ୟିକ ସାଫଲ୍ୟ ପ୍ରତିଫଳନ କରେ ନାହିଁ। ତୃତୀୟ କବିତା 'ବାଣୀବିହାରରେ ସନ୍ଧ୍ୟା' ବି ସେହିପରି କାମଚଳା। କିନ୍ତୁ 'ବାଣୀବିହାରରେ ବର୍ଷା' ଏହି ସିରିଜ୍‌ର ଏକ ବ୍ୟତିକ୍ରମୀ କବିତା, ଯାହା ଅନୁଭବ ଓ ଉପସ୍ଥାପନାରେ ପରିପକ୍ୱ। ଯଥା: ''ସେ ଯେଉଁ ଯୁଗଳ/ ସେଠି ଭିଜୁଛନ୍ତି/ ଝରଝର ବର୍ଷାର ଜଳରେ,/ ସେ ଯେଉଁ ଯୁଗଳ/ ସେଠି ଛପିଛନ୍ତି/ ରଙ୍ଗିନ ସେ ଛତାର ତଳରେ,/ ସେ କିବା ପାଗଳ/ ସେଠି ସନ୍ତର୍ପଣେ/ ଭସାଉଛି କାଗଜର ଡଙ୍ଗା,/ ସେମାନେ କି ଜାଣିଛନ୍ତି/ ଏ ମାଟିରେ/ ବର୍ଷା ମଧ୍ୟ ପାଲଟଇ ଗଙ୍ଗା।'' (ପୃ:୧୭)। ''କିଏ କରିଥାଏ ବାଣୀପୂଜା ଏଠି/ ବେଣୀପୂଜା କରେ କିଏ...'' ଭଳି ଉଲ୍ଲେଖ ଖୁବ୍ ହାଲ୍‌କା ହୋଇପଡ଼ିଥିବାବେଳେ 'ଏ ମାଟିରେ/ ବର୍ଷା ମଧ୍ୟ ପାଲଟଇ ଗଙ୍ଗା' ଭଳି ଦମ୍‌ଦାର ଧାଡ଼ି 'ବାଣୀବିହାର' ସିରିଜ୍‌ରେ କବି ଶତ୍ରୁଜିତ୍‌ଙ୍କୁ ବଞ୍ଚାଇ ରଖେ।